ଧରିତ୍ରୀ
DHARITRI
ବ୍ରହ୍ମପୁର, ଶୁକ୍ରବାର, ୯ ଡିସେମ୍ବର, ୨୦୨୨


# ସ୍ୱପ୍ନ ପାଲଟିଛି ଆବାସ ଯୋଜନା

**ପାରଳାଖେମୁଣ୍ଡି, ୮।୧୨ (ଡି.ଏନ୍.ଏ)**

ଜଣେ ବି କେହି ଯେମିତି କଚ୍ଚା ଘରେ ନ ରହିବେ ସେଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। କେନ୍ଦ୍ରର ପ୍ରଧାନମନ୍ତ୍ରୀ ଆବାସ ଯୋଜନାଠାରୁ ଆରମ୍ଭ କରି ରାଜ୍ୟ ବିଜୁ ପକ୍କାଘର ଓ ମୋ କୁଡ଼ିଆ ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ ଏହି ଯୋଜନାର ବିକଳ ଚିତ୍ର ଦେଖିବାକୁ ମିଳିଛି ଗଜପତି ଜିଲା ରାୟଗଡ଼ ବ୍ଲକ ଅଧୀନ ସାନତୁଣ୍ଡି ପଞ୍ଚାୟତର ରେମ୍ପି ଗ୍ରାମରେ। ଦୀର୍ଘ ବର୍ଷ ବିତିଯାଇଥିଲେ ବି ସରକାରଙ୍କ ଯୋଜନା ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି। ନା ପାଇଛନ୍ତି ପ୍ରଧାନମନ୍ତ୍ରୀ ଆବାସ ନା ମୋ କୁଡ଼ିଆ ଘର। ଦୀର୍ଘ ୧୪ବର୍ଷ ପୂର୍ବରୁ ସ୍ୱେଚ୍ଛାସେବୀ ସଂଗଠନ ସହାୟତାରେ ଗ୍ରାମବାସୀ ନିଜ ପରିଶ୍ରମରେ ତିଆରି କରିଥିବା ଅତ୍ୟନ୍ତ ନିମ୍ନମାନର ପକ୍କା ଘରେ ଆଜି ପର୍ଯ୍ୟନ୍ତ ରହୁଛନ୍ତି। ଦୀର୍ଘ ୧୪ ବର୍ଷ ପୂର୍ବେ ୧୯୯୮ ସେପ୍ଟେମ୍ବର ମାସରେ ରେମ୍ପି ଗ୍ରାମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଗ୍ରାମବିକାଶ' ସହଯୋଗରେ ଗ୍ରାମବାସୀଙ୍କ ଶ୍ରମଦାନରେ ପ୍ରାୟ ୩୦ଟି ପକ୍କା ଘର ତିଆରି ହୋଇଥିଲା।

### ବିପଦସଙ୍କୁଳ ଘରେ ରହୁଛନ୍ତି ୩୧ ପରିବାର



ଯୋଜନାରୁ ବଞ୍ଚିତ ରେମ୍ପି ଗ୍ରାମ।

ଉକ୍ତ ଗ୍ରାମରେ ୩୦ଟି ପରିବାରର ପ୍ରାୟ ୨୦୮ ଜନସଂଖ୍ୟା ଥିବାବେଳେ ରହିବା ପାଇଁ ଭଲ ଘର ଖଣ୍ଡିଏ ନ ଥିଲା। ତେଣୁ ସ୍ୱେଚ୍ଛାସେବୀ ସଂଗଠନ 'ଗ୍ରାମବିକାଶ' ପକ୍ଷରୁ ଘର ତିଆରି ପାଇଁ ଉପକରଣ ଓ ସାମଗ୍ରୀ ମିଳିଥିବାରୁ ଲୋକେ ଶ୍ରମଦାନ କରି ଘର ସବୁ ତିଆରି କରିଥିଲେ। ସେତେବେଳେ ଗ୍ରାମବାସୀ ବାଲି ସିମେଣ୍ଟର ଭାଗ ମାପ ଜାଣି ନ ଥିବାରୁ ଘର ଗୁଡ଼ିକ ନିମ୍ନମାନର ହୋଇଥିଲା। ସେମାନେ ସେହି ଘରେ ପ୍ରାୟ ୧୦ବର୍ଷ ରହିଥିଲେ। ଦିନକୁ ଦିନ ଘରଗୁଡ଼ିକର ଅବସ୍ଥା ବିପଦସଙ୍କୁଳ ହୋଇପଡ଼ିଲା। ବର୍ତ୍ତମାନ ଉକ୍ତ ଘରଗୁଡ଼ିକ ନିମ୍ନମାନର ହୋଇଥିବାରୁ ଛାତ ବଙ୍କା ହୋଇ ଦବି ଗଲାଣି ତ କେଉଁଠି କାନ୍ଥ ଫାଟିବା ସହିତ ଛାତର ଭିତର ପଟୁ ପରସ୍ତ ପରସ୍ତ ବାହାରି ଲୁହା ରଡ଼ ଦେଖାଗଲାଣି। ବର୍ଷା ହେଲେ ଛାତରୁ ପାଣି ଝରି ଘର ଭିତରେ ପୂରିଯାଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ବନ୍ୟା କିମ୍ବା ବାତ୍ୟା ହେଲେ ଘର ଛାଡ଼ି ନିକଟସ୍ଥ ସ୍କୁଲ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରରେ ଯାଇ ରହିବାକୁ ପଡୁଛି । ଏନେଇ ବାରମ୍ବାର ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ଓ ରାଜନେତାଙ୍କୁ ଗୁହାରି କରିବା ପରେ ମଧ୍ୟ କେହି ତାଙ୍କ କଥା ଶୁଣୁ ନ ଥିବା ଗ୍ରାମବାସୀ କହିଛନ୍ତି। ଆବାସ ଯୋଜନାରେ ସାମିଲ କରିବାକୁ ଆସୁଥିବା ତଦନ୍ତକାରୀ ଟିମ୍ ଠିକ ଭାବେ ନ ପରଖି ହିତାଧିକାରୀ ତାଲିକାରୁ ବାଦ ଦେଉଥିବା ସେମାନେ ପ୍ରକାଶ କରିଛନ୍ତି। ଏଥିସହ ରାଜନୈତିକ ନେତାମାନଙ୍କର ପାତରଅନ୍ତର ମନୋଭାବର ଶିକାର ହେଉଥିବା କହିଛନ୍ତି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଗଜପତି ଜିଲା ପରିଷଦର ନିର୍ବାହୀ ଅଧିକାରୀ ରୋମାଞ୍ଚଳ ଖମ୍ବାରି କହିଛନ୍ତି ଯେ, ରେମ୍ପି ଗାଁ ସମ୍ପର୍କରେ ଖବର ମିଳିବା ପରେ ତଦନ୍ତ କରି ସରକାରଙ୍କୁ ପଠାଯାଇଛି। ଏହି ଗାଁର ୩୧ଜଣଙ୍କୁ ପ୍ରାଥମିକତା ଭିତ୍ତିରେ ଖୁବ କମ୍ ଦିନ ମଧ୍ୟରେ ଘର ଯୋଗାଇ ଦିଆଯିବ।

## ସଂକ୍ଷେପରେ

### ଓଡ଼ିଶା କୃଷକ ସଭାର ଦାବିପତ୍ର ପ୍ରଦାନ

ଆସିକା,୮।୧୨(ଡି.ଏନ.ଏ.)- ଓଡିଶା କୃଷକ ସଭା ଆସିକା ବ୍ଲକ କମିଟି ପକ୍ଷରୁ ଗୁରୁବାର କୃଷକମାନଙ୍କ ସ୍ୱାର୍ଥ ସମ୍ବଳିତ ୫ଦଫା ଦାବି ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆସିକା ବିଡିଓଙ୍କ ଜରିଆରେ ପ୍ରଦାନ କରାଯାଇଥିଲା । ଦାବି ମଧ୍ୟରେ ଯଥାଶୀଘ୍ର ମଣ୍ଡି ଖୋଲି ଚାଷୀ ଓ ଭାଗଚାଷୀଙ୍କ ଧାନ କିଣିବା, ଭାଗ ଚାଷୀଙ୍କୁ ପଲ୍ଲୀସଭା ଜରିଆରେ ଚିହ୍ନଟ କରି ସେମାନଙ୍କ ଧାନ କିଣିବା ବ୍ୟବସ୍ଥା କରିବା, ଧାନ କୁଇଣ୍ଟାଲ ପ୍ରତି ଅନ୍ୟ ରାଜ୍ୟ ଭଳି ୫ଶହ ଟଙ୍କା ବୋନସ ଦେବା, ସମସ୍ତ ଚାଷୀଙ୍କ ଫସଲକୁ ବୀମାଭୁକ୍ତ କରିବା, ଜିଲ୍ଲା ଦପ୍ତରରେ ଫସଲବୀମା ସମ୍ପର୍କରେ ସୂଚନା ପ୍ରଦାନ ଲାଗି ଏକ କାର୍ଯ୍ୟାଳୟ ଖୋଲିବା ଲାଗି ଦାବିପତ୍ରରେ ଉଲ୍ଲେଖ କରାଯାଇଥିଲା। କୃଷକ ନେତା ଲକ୍ଷ୍ମଣ ପାଢୀଙ୍କ ନେତୃତ୍ୱରେ କର୍ମୀମାନେ ଯାଇ ଏହି ଦାବିପତ୍ର ପ୍ରଦାନ କରିଥିଲେ ।

### ଖାଦ୍ୟ ସୁରକ୍ଷା, ଗୁଣବତ୍ତା ସମ୍ପର୍କିତ ସଚେତନତା

ରାଇକିଆ,୮।୧୨(ଡି.ଏନ.ଏ)- ରାଇକିଆ ବଣିକ ସଂଘ ତରଫରୁ ଗୁରୁବାର ଖାଦ୍ୟ ସୁରକ୍ଷା ଓ ଗୁଣବତ୍ତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଭାପତି ପଦ୍ମ ଚରଣ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ ସତ୍ୟବ୍ରତ ଛେଣ୍ଡ ଯୋଗ ଦେଇ ବ୍ୟବସାୟୀଙ୍କୁ ଖାଦ୍ୟ ସୁରକ୍ଷା ସମ୍ପର୍କିତ ବିଭିନ୍ନ ବ୍ୟବସ୍ଥା, ଆଇନ ସମ୍ପର୍କରେ ସଚେତନତା କରିବା ସହ ସବୁ ଖାଦ୍ୟ ସାମଗ୍ରୀ ସହିତ ଜଡ଼ିତ ବ୍ୟବସାୟୀମାନେ କିପରି ଲାଇସେନ୍ସ କରି ନିଜ ପ୍ରତିଷ୍ଠାନର ନାମ ପଞ୍ଜୀକରଣ କରି ପାରିବେ ସେ ନେଇ ସୂଚନା ଦେଇଥିଲେ। ୧୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବଣିକ ସଂଘ ସମ୍ପାଦକ ଦୁର୍ଯ୍ୟୋଧନ ଲେଙ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସହ ସମ୍ପାଦକ ଦ୍ୱିତିକୃଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

### ଧାନ ସଂଗ୍ରହ କମିଟି ବୈଠକ

ପାରଳାଖେମୁଣ୍ଡି,୮।୧୨(ଡି.ଏନ୍.ଏ.)- ପାରଳାଖେମୁଣ୍ଡିଠାରେ ଥିବା ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପରିଷଦ ସଭାପତି ଗାବରା ତିରୁପତି ରାଓ ଯୋଗଦେଇ ଅଧକ୍ଷତା କରିଥିବା ବେଳେ ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା, ଉପଜିଲାପାଳ ଆଲୋକ କୁମାର ପ୍ରଧାନ, ଜିଲାପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରୋମାଞ୍ଚଳ ଖମାରୀ, ପ୍ରଦୀପ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଜିଲାର ବହୁ କୃଷକ ନେତା ଏବଂ ପ୍ରତିନିଧିମାନେ ଯୋଗ ଦେଇ ନିଜ ନିଜର ସମସ୍ୟା ଏବଂ ଧାନ ସଂଗ୍ରହ ସମ୍ପର୍କରେ ମତାମତ ଉପସ୍ଥାପନ କରିଥିଲେ। ୨୦୨୨-୨୩ ପାଇଁ ଧାନ ସଂଗ୍ରହକୁ ନେଇ ଏକ କମିଟି ଗଠନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ପାରଳାଖେମୁଣ୍ଡି ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଆୟୋଜନ ହୋଇଥିଲା।

## ଗଞ୍ଜେଇ ଚାଲାଣ ମାମଲା

### ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୮।୧୨**

ଗଞ୍ଜାମ ଜିଲା ଦୌରାଜଜ୍ ଆନନ୍ଦ ଚନ୍ଦ୍ର ବେହେରା ଏକ ଗଞ୍ଜେଇ ଚାଲାଣ ମାମଲାର ଶୁଣାଣି କରି ପ୍ରମାଣ ଅଭାବରୁ ଅଭିଯୁକ୍ତ ମାଧବ ଚନ୍ଦ୍ର ସାହୁଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ୨୦୧୫ ନଭେମ୍ବର ୬ରେ ଦିଗପହଣ୍ଡିରୁ ବ୍ରହ୍ମପୁର ଆସୁଥିବା ଏହି ବସ୍‌କୁ ମହୁରିକାଲୁଆ ଛକରେ ଅବକାରୀ ପୋଲିସ ଅଟକାଇ ଯାଞ୍ଚ କରିଥିଲା। ବସ୍‌ରେ ବସିଥିବା ମାଧବ ସାହୁଙ୍କ ବ୍ୟାଗ୍ ଯାଞ୍ଚ କରିବାରୁ ସେଥିରୁ ୧୧ କେଜି ଗଞ୍ଜେଇ ମିଳିଥିଲା। ମାଧବଙ୍କୁ ଅବକାରୀ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛିମାସ ପରେ ତାଙ୍କୁ ଜାମିନ ମିଳିଥିଲା। ଏହି ମାମଲାର ବିଚାର ବେଳେ ମାଧବଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୩ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଅଭିଯୁକ୍ତଙ୍କୁ ବିଚାରପତି ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ବୁଢ଼ାଦାନି ଚାମ୍ପିୟନ



ଖେଳାଳିଙ୍କ ଗହଣରେ ଅତିଥି।

**ବଲସକୁମ୍ପା,୮।୧୨**

ଖଜୁରିପଡ଼ା ବ୍ଲକ ଉତ୍କଳମଣି ଯୁବକ ସଂଘ, ଦୁତିମେଣ୍ଡି ତରଫରୁ ୨୭ତମ ଜିଲାସ୍ତରୀୟ ଫୁଟବଲ କ୍ରିଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟ ଗତ ୫ ରୁ ୭ ତାରିଖ ତିନି ଦିନ ଧରି ଚାଲିଥିଲା। ପ୍ରତିଯୋଗିତାରେ ୧୬ ଦଳ ଭାଗ ନେଇଥିଲେ। ମୁଖ୍ୟ ପରିଚାଳକ କାମାକ୍ଷା ପ୍ରଧାନ ଏବଂ ସାଥି ସହଯୋଗୀଙ୍କୁ ନେଇ ଖେଳ ପରିଚାଳିତ ହୋଇଥିଲା। ମ୍ୟାଚ ସିଦିଗ୍ଂ ବନାମ ମୋଣିଗ୍ଂ କ୍ଲବ ଫୁଲବାଣୀ ମଧ୍ୟରେ ଖେଳାଯାଇଥିଲା। ଏଥିରେ ସିଦିଗ୍ଂ ବିଜୟୀ ହୋଇଥିଲା। ଫାଇନାଲ ମ୍ୟାଚ ଗେରୁପଡ଼ା ସହିତ ବୁଢାଦାନି ସହ ଖେଳାଯାଇଥିଲା। ଶେଷରେ ବୁଢାଦାନି ୧-୦ ଗୋଲରେ ବିଜୟୀ ହୋଇଥିଲା। ବିଜେତା ଦଳକୁ ଟ୍ରଫି ସହ ୬୬୬୬ ଟଙ୍କା ଓ ଉପବିଜେତା ଦଳକୁ ୪୪୪୪ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା ଏବଂ ଡିସିପ୍ଲିନ ଟିମ୍ ହିସାବରେ ରାମାଡି ଦଳକୁ ଏକ ଫୁଟବଲ ପୁରସ୍କାର, ଗୋଲ କିପର ହିସାବରେ ବୁଢାଦାନି ଦଳ ହାଣ୍ଡଗ୍ଲୋଭ୍ସ, ସ୍କୋରୋରକୁ ଷ୍ଟୁଡ ବୁଟ ପୁରସ୍କାର ଭାବେ କମିଟି ତରଫରୁ ପ୍ରଦାନ କରାଯାଇଥିଲା। ଉଦ୍‌ଘାଟନି ଦିବସରେ ମୁଖ୍ୟ ଅତିଥି ଭାବେ ଖଜୁରିପଡ଼ା ବ୍ଲକ୍ ପୂର୍ବତନ ଅଧକ୍ଷ ବୀରେନ୍ଦ୍ର କୁମାର କହଁର, ସମ୍ମାନିତ ଅତିଥି ଭାବେ କୁଇ ସମାଜ ଯୁବପରିଷଦ କନ୍ଧମାଳ ସମ୍ପାଦକ ଅଚ୍ୟୁତ ଯାନୀ। ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଦୁତୀମେଣ୍ଡି ସରପଞ୍ଚ ଦମୟନ୍ତୀ ମଲିକ, ତୃତୀୟ ଦିନ ବା ଫାଇନାଲ ଦିନରେ ମାରୁତି ସେନା କନ୍ଧମାଳ ଜିଲା ସଂଯୋଜକ ଇନ୍ଦ୍ରମଣି କହଁର, ଖଜୁରିପଡ଼ା ବ୍ଲକ ଖବରଦାତା ବିକାଶ କୁମାର ଦିଗା, ଖବରଦାତା କୁନା ଦିଗାଲ, ପୂର୍ବତନ ସରପଞ୍ଚ ଲମ୍ବୋଦର ମାଝୀ, ପଞ୍ଚାୟତ ସମିତି ସଭ୍ୟା ଉଷାବତୀ ଗଣ୍ଡା ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

## ଜବରଦଖଲ ଉଚ୍ଛେଦ ନେଇ ଶୁଣାଣି

**ଗୋପାଳପୁର,୮।୧୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲା କନିଷି ହାଟ ଟୁଲୁ ରାସ୍ତାରେ ଦୀର୍ଘ ବର୍ଷ ହେଲା ଜବର ଦଖଲକାରୀଙ୍କ କବ୍‌ଜାରେ ରହିଛି। ଏ ନେଇ କନିଷି ତହସିଲ ପ୍ରଶାସନ ପକ୍ଷରୁ ଏହାକୁ ଉଚ୍ଛେଦ କରିବା ନେଇ ନୋଟିସ ପ୍ରକାଶ ହେବା ସହ ଡାକବାଜି ଯନ୍ତ୍ର ଯୋଗେ ମଧ୍ୟ ପ୍ରଚାର ହୋଇଥିଲା। ହେଲେ କୌଣସି କାରଣରୁ ବର୍ତ୍ତମାନ ସୁଦ୍ଧା ଜବରଦଖଲ ଉଚ୍ଛେଦ ହୋଇପାରିନାହିଁ। ତହସିଲ ପକ୍ଷରୁ ୪୪ ଜଣଙ୍କର ଶୁଣାଣି ହୋଇଥିବା ନେଇ ଜଣାପଡ଼ିଛି। ସୂଚନାନୁସାରେ କନିଷି ତହସିଲ ଅଧୀନ ଟୁଲୁ ରାସ୍ତାରେ ଦୀର୍ଘବର୍ଷ ହେଲା ଜବରଦଖଲକାରୀମାନେ ବ୍ୟବସାୟ ପ୍ରତିଷ୍ଠାନ ଓ ବାସଗୃହ ନିର୍ମାଣ କରିଛନ୍ତି। ଯାହାଦ୍ୱାରା ସରକାରୀ କାର୍ଯ୍ୟାଳୟ ନିର୍ମାଣ ପାଇଁ ମଧ୍ୟ ଜମି ଅଭାବ ଦେଖାଯାଇଛି। ଗତ ଅକ୍ଟୋବରରେ ତହସିଲ ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିଲା। ଗତ ୧୦ ଦିନ ତଳେ ପୁଣି ତହସିଲ ପ୍ରଶାସନ ପକ୍ଷରୁ ୬୬ ଜଣ ଜବର ଦଖଲକାରୀଙ୍କୁ ଓଡ଼ିଶା ଜବରଦଖଲ ନିରୋଧ ଆଇନ ବଳରେ ନୋଟିସ ଜାରି କରାଯାଇଥିଲା। ୭ ତାରିଖରେ ତହସିଲ କାର୍ଯ୍ୟାଳୟରେ ହାଜର ହେବା ପାଇଁ ମଧ୍ୟ କୁହାଯାଇଥିଲା। ଏନେଇ ଜବରଦଖଲକାରୀ ୪୪ ଜଣଙ୍କ ନୋଟିସର ଉତ୍ତର ଦେଇଥିବା ଜଣାପଡ଼ିଛି। ଅନ୍ୟ ୨୨ଜଣ ନୋଟିସର ଉତ୍ତର ଦେଇ ନ ଥିବା ବେଳେ ପୁଣି ସେମାନଙ୍କୁ ନୋଟିସ ଜାରି କରାଯିବ ବୋଲି ତହସିଲ ପ୍ରଶାସନ ପକ୍ଷରୁ କୁହାଯାଇଛି। ଜବରଦଖଲକାରୀଙ୍କ କବ୍‌ଜାରେ ୧୦ରୁ ୧୫ ଏକର ଜମି ରହିଥିବା ଜଣାପଡ଼ିଛି। ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

## ସୌର୍ଯ୍ୟ ଦିବସ ପାଳନ ଅବସରରେ ବାଇକ୍ ରାଲି

**ପାରଳାଖେମୁଣ୍ଡି, ୮।୧୨(ଡି.ଏନ୍.ଏ):**

ବଜରଙ୍ଗ ଦଳ ପକ୍ଷରୁ ସୌର୍ଯ୍ୟ ଦିବସ ପାଳନ ଅବସରରେ ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଏକ ବାଇକ ରାଲି ଆୟୋଜନ କରାଯାଇଥିଲା। ରାଜଦାଣ୍ଡସ୍ଥିତ ଜଗନ୍ନାଥ ମନ୍ଦିରଠାରୁ ବାଇକ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଯାଇଥିଲା। ବଜରଙ୍ଗ ଦଳର ଜିଲା ପ୍ରମୁଖ ଗୌତମ ପାଢୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ହରିମୋହନ ପଟ୍ଟନାୟକ, ମନୋଜ ଦାସ, ବିଶ୍ୱ ହିନ୍ଦୁ ପରିଷଦର କୈଳାସ ଗୌଡ, ଜିଲା ପ୍ରଭାରୀ ତରଣୀସେନ ଦାସ, ଦେଉ ମଠ ମହନ୍ତ ରାମାନନ୍ଦଦାସଜୀ ମହାରାଜଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ରହି ରାମଧ୍ୱନୀ ଉଚ୍ଚାରଣ କରିଥିଲେ। ଏହି ଦିନରେ ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା, ଯାହାକୁ ନେଇ ଏହି ଦିନକୁ ବିଶ୍ୱ ହିନ୍ଦୁ ଏବଂ ବଜରଙ୍ଗ ଦଳ ପକ୍ଷରୁ ସୌର୍ଯ୍ୟ ଦିବସ ରୂପେ ପାଳନ କରିଆସୁଛି।

## ଲକ୍ଷ୍ମଣ ଭାଇଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ



ଶ୍ରାଦ୍ଧବାର୍ଷିକୀରେ ଯୋଗଦେଇଥିବା ଅତିଥି।

**ଧରାକୋଟ, ୮।୧୨(ଡି.ଏନ୍.ଏ.)**

ଧରାକୋଟ ବଡ଼ଦାଣ୍ଡ ସାହିସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ପ୍ରତିଷ୍ଠାତା ସ୍ୱର୍ଗତ ଲକ୍ଷ୍ମଣ ଭାଇଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରର ମୁଖ୍ୟ ପ୍ରଭାତୀ ଭଉଣୀ ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟବକ୍ତା ଭାବେ ଖବରଦାତା ବିଷ୍ଣୁ କେଶରୀ ଆଚାର୍ଯ୍ୟ, ସମ୍ମାନିତ ଅତିଥି ରୂପେ ଖବରଦାତା ପୂର୍ଣ୍ଣଚନ୍ଦ୍ର ନାୟକ ଯୋଗଦେଇଥିଲେ। ଏହି ଅବସରରେ ଦିବଙ୍ଗତ ଲକ୍ଷ୍ମଣ ଭାଇଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସାମ୍ପ୍ରତିକ ପରିସ୍ଥିତିରେ ଈଶ୍ୱରୀୟ ଜ୍ଞାନ ଆହରଣ କରିବା ପାଇଁ ପ୍ରଭାତୀ ଭଉଣୀ ଉପସ୍ଥିତ ଥିବା ଭାଇ ଭଉଣୀମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ମଗୁଲୁ ଭାଇ, ଭଗବାନ ଭାଇ, କାଲୁ ଭାଇ, ନୀଳାଚଳ ଭାଇଙ୍କ ସମେତ ଗଙ୍ଗା ଭଉଣୀ, ରେଣୁ ଭଉଣୀ, ରଶ୍ମିତା ଭଉଣୀ, ସୁମତି ଭଉଣୀ ଓ ସୋଲି ଭଉଣୀ ସହଯୋଗ କରିଥିଲେ ।

## ବେଗୁନିଆପଡ଼ାରେ ସିରିଜ୍ ଚୋରି, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

**ବେଗୁନିଆପଡ଼ା,୮।୧୨(ଡି.ଏନ.ଏ.)**

ବେଗୁନିଆପଡ଼ା ଅଞ୍ଚଳରେ ବିଭିନ୍ନ ସ୍ଥାନରେ ସିରିଜ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବେଗୁନିଆପଡା ଫାଣ୍ଡି ଅନ୍ତର୍ଗତ ଏସ.ଛଟିନା ଗ୍ରାମର ସୁଦାମ ଆର୍ଟ ଦୋକାନରୁ ମଙ୍ଗଳବାର ବିଳମ୍ବିତ ରାତିରେ କବାଟ ସଟର ଭାଙ୍ଗି ଆଲମିରାରୁ ନଗଦ ୮୦ ହଜାର ଟଙ୍କା ଓ ଦୁଇଟି ସୁନା ମୁଦି ଚୋରି ହୋଇଥିବା ମାଲିକ ସୁଦାମ ଗିରି ବେଗୁନିଆପଡ଼ା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ତାଙ୍କ ପରିବାର ଗତ ରାତିରେ ଘରେ ଅନୁପସ୍ଥିତ ରହିଥିବା ବେଳେ ଜାଣିଶୁଣି କେହି ଟାର୍ଗେଟ କରି ଚୋରି କରିଥିବା ସେ ଅଭିଯୋଗ କରିଛନ୍ତି। ଏଥି ସହିତ ସେହି ଦୋକାନ ନିକଟରେ ଥିବା ରୀନା ବିଷୋୟୀଙ୍କ ଘରୁ ମଧ୍ୟ ଚୋରି ହୋଇଛି। ସେ ମଧ୍ୟ ଘରେ ଅନୁପସ୍ଥିତ ରହିଥିଲେ। ଏଥି ସହିତ କେ. ବରିଡା ବାଲି ସାହିର ବସନ୍ତ କୁମାର ମିଶ୍ରଙ୍କ ଘରେ ମଧ୍ୟ ଚୋରି ହୋଇଥିବା ନେଇ ତାଙ୍କ ସ୍ତ୍ରୀ ନର୍ମଦା କୁମାରୀ ମିଶ୍ର ବେଗୁନିଆପଡା ଫାଣ୍ଡିରେ ଏତଲା ଦେଇଛନ୍ତି। ବସନ୍ତ ବାହାରେ ଚାକିରୀ କରନ୍ତି। ବୁଧବାର ରାତିରେ ନର୍ମଦା ପିଲାଙ୍କୁ ନେଇ ଘରେ ଶୋଇଥିଲେ। ଚୋରମାନେ ଶୋଇବା ଘର ବାହାର ପଟୁ କବାଟ ବନ୍ଦ କରି ନିକଟରେ ଥିବା ଅନ୍ୟ ଏକ ଘରୁ ବିଭିନ୍ନ ଜିନିଷ ପତ୍ର ଫିଙ୍ଗାଫିଙ୍ଗି କରିବା ସହ ୩ ସୁନା ମୁଦି, ୨ ଟି ରୁପା ମୁଦି ଗୋଟିଏ ହାତ ଘଣ୍ଟା ଓ ନଗଦ ୧୭ ଶହ ୫୦ ଟଙ୍କା ନେଇ ଚମ୍ପଟ ମାରିଥିଲେ। ଏତଲା ପାଇ ବେଗୁନିଆପଡ଼ା ଫାଣ୍ଡି ଅଧିକାରୀ ସଂଗ୍ରାମ ଦେଉରୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଗୁରୁବାର ଅନୁସନ୍ଧାନୀ କୁକୁର ସହ ପୋଲିସ୍ ଚୋରି ହୋଇଥିବା ଘର ଗୁଡ଼ିକୁ ଯାଇ ତଦନ୍ତ କରିଛି। ଅଭିଯୁକ୍ତମାନଙ୍କୁ ଶୀଘ୍ର ଧରାଯିବ ବୋଲି ଫାଣ୍ଡି ଅଧିକାରୀ ସଂଗ୍ରାମ ଦେଉରୀ କହିଛନ୍ତି।

# ଜଙ୍ଗଲରେ ନିଆଁ ନ ଲଗାଇବାକୁ ପରାମର୍ଶ

### ଜିଲାସ୍ତରୀୟ ଅଗ୍ନି ନିବାରଣ ପ୍ରଶମନ ବୈଠକ




ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀ।

**ଫୁଲବାଣୀ ଅଫିସ, ୮।୧୨**

ଜଙ୍ଗଲ ଏବଂ ବନ୍ୟଜନ୍ତୁଙ୍କୁ ନିଆଁରୁ ରକ୍ଷା କରିବା ପାଇଁ ସରକାର ଅଗ୍ନି ଅସୁରକ୍ଷିତ ସ୍ଥାନଗୁଡ଼ିକୁ ଚିହ୍ନଟ କରୁଛନ୍ତି । ଆଗାମୀ ଦିନରେ ଜଙ୍ଗଲରେ ନିଆଁକୁ ରୋକିବା ଲାଗି ଯୋଜନା ପ୍ରସ୍ତୁତ କରାଯିବ। କନ୍ଧମାଳ ଜିଲାରେ ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହେବ। ଏହାକୁ ନେଇ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଅଗ୍ନି ନିବାରଣ ପ୍ରଶମନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପାଟିଲ୍ ଆଶିଷ ଈଶ୍ୱର ବୈଠକରେ ଅଧକ୍ଷତା କରିଥିଲେ । ଜିଲାରେ ଅଧିକାଂଶ ଲୋକ ଗଛ କାଟିବା ଓ ପୋଡୁ ଚାଷ କରିବା ଦ୍ୱାରା ଜଙ୍ଗଲ ସମ୍ପଦ ହ୍ରାସ ପାଉଛ । ଜିଲାର ୮ହଜାର ୨୧ବର୍ଗ କିଲୋମିଟର ଅଞ୍ଚଳରୁ ପ୍ରାୟ ୬ ହଜାର ୩୬୮ ବର୍ଗ କିଲୋମିଟର ଜଙ୍ଗଲ ରହିଛି । ଅର୍ଥାତ ଜିଲାରେ ଶତକଡ଼ା ୭୯ ଭାଗ ଜଙ୍ଗଲ ରହିଛି। ଲୋକେ ବୃକ୍ଷ ନ କାଟି ଏବଂ ନିଆଁ ନ ଲଗାଇ ଦାମୀ ଔଷଧୀୟ ଗଛ ଲଗାଇଲେ ବହୁ ଲାଭବାନ ହୋଇପାରିବେ। ଚାଷ ପାଇଁ ଗଛ କାଟି ନିଆଁ ଲଗାଇ ଦେଲେ ସେମାନଙ୍କର ଲାଭ ବଦଳରେ କ୍ଷତି ହେଉଛି ବୋଲି ଜିଲାପାଳ କହିଥିଲେ। ସେଥିପାଇଁ ଅଗ୍ନି ଅସୁରକ୍ଷିତ ଅଞ୍ଚଳର ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ଲୋକମାନଙ୍କୁ ସଚେତନ କରିବା ନିହାତି ଆବଶ୍ୟକ ବୋଲି କହିଥିଲେ। ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାବେ କାର୍ଯ୍ୟ କରୁଥିବା କୌଶିକ ସାହୁ ଯୋଗଦେଇ ଯେଉଁ ଲୋକମାନେ ଚାଷ ଉଦ୍ଦେଶ୍ୟରେ ଜଙ୍ଗଲରେ ନିଆଁ ଲଗାଉଛନ୍ତି ସେମାନଙ୍କୁ ବୁଝାଇବାକୁ ପଡ଼ିବ ବୋଲି କହିଥିଲେ। ବାଲିଗୁଡ଼ା ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା ଜଙ୍ଗଲ କେବଳ ବନ ବିଭାଗର ନୁହେଁ, ଏହା ଜଙ୍ଗଲରେ କିମ୍ବା ଜଙ୍ଗଲ ନିକଟରେ ବାସ କରୁଥିବା ଲୋକମାନଙ୍କର ସମ୍ପଦ। କାରଣ ସେମାନେ ଏହି ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରନ୍ତି। ତେଣୁ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଜନ ପ୍ରତିନିଧିମାନଙ୍କ ପର୍ଯ୍ୟନ୍ତ ଏବଂ ବନ ବିଭାଗ ସମେତ ପ୍ରତ୍ୟେକ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଗଣମାଧ୍ୟମ ସମସ୍ତଙ୍କର ସହଯୋଗରେ ଜଙ୍ଗଲ ନିଆଁକୁ ରୋକାଯାଇ ପାରିବ ବୋଲି କହିଥିଲେ । ଫୁଲବାଣୀ ବନଖଣ୍ଡ ଅଧିକାରୀ ପ୍ରଶାନ୍ତ ପଟେଲ ଏ ଦିଗରେ ଆହୁରି ସଚେତନତା ଆବଶ୍ୟକ ବୋଲି କହିଥିଲେ। ସହକାରୀ ବନ ସଂରକ୍ଷକ ମଳୟ ରଞ୍ଜନ କାଲୋ ପାୱାର ପଏଣ୍ଟ ମାଧ୍ୟମରେ ଜଙ୍ଗଲରେ ନିଆଁ ଲାଗିବାର ମୁଖ୍ୟ କାରଣ, ନିରାକରଣ ଓ ପ୍ରତିରୋଧ ପାଇଁ ବିଭିନ୍ନ ବିଭାଗର ଦାୟିତ୍ୱ ଉପରେ ସୂଚନା ପ୍ରଦାନ କରିଥିଲେ।

ଅନୁଷ୍ଠିତ ବୈଠକରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ନରେଶ ଶବର, ବାଲିଗୁଡ଼ା ସହକାରୀ ବନ ସଂରକ୍ଷକ ସୌମ୍ୟରଞ୍ଜନ ସାହୁ, କେନ୍ଦୁପତ୍ର ସହକାରୀ ବନ ସଂରକ୍ଷକ ଅନିଲ କୁମାର ରାୟ ପ୍ରମୁଖ ଯୋଗ ଦେଇଥିଲେ।

## ବିରିକୋଟରେ କଣ୍ଢେଇ ଯାତ୍ରା



କଣ୍ଢେଇଗୁଡିକୁ ସାହି ପରିକ୍ରମା କରାଯାଉଛି।

ଆର.ଉଦୟଗିରି,୮।୧୨(ଡି.ଏନ.ଏ.)- ଗଜପତି ଜିଲା ମୋହନା ବ୍ଲକ ଅନ୍ତର୍ଗତ ବିରିକୋଟରେ କଣ୍ଢେଇ ଯାତ୍ରା ପର୍ବ ୨୧ ଦିନ ଧରି ପାଳିତ ହୋଇଛି। ମାର୍ଗଶିର ମାସର ପ୍ରଥମ ଗୁରୁବାର ଏହି କଣ୍ଢେଇ ଯାତ୍ରା ଗାଁକୁ ଆସିଥାଏ। ରୀତିନୀତି ଅନୁସାରେ କଣ୍ଢେଇ ଯାତ୍ରା ପାଳିତ ହୋଇଆସୁଅଛି । ଗାଁରେ କୌଣସି ରୋଗ ହେବ ନାହିଁ, ବର୍ଷା ଓ ଭଲ ଅମଳ ହେବ ବୋଲି ବିଶ୍ୱାସ କରି ଆସନ୍ତି ଲୋକେ। ଭଲ ଫସଲ, ବର୍ଷା ହେଲେ ଏହି କଣ୍ଢେଇ ଯାତ୍ରା ଗାଁକୁ ଆଣିଥା'ନ୍ତି। ପ୍ରଥମ ଦିନରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କୁ ପୂଜାର୍ଚ୍ଚନା ଆରାଧନା କରି ବାଉଁଶ କୁଞ୍ଚାରେ ମାଟି ଧରି ଗାଁକୁ ଆଣିଥାନ୍ତି। ସେହି ମାଟିରେ ବିଭିନ୍ନ ପ୍ରକାର ଦେବଦେବୀଙ୍କ ମୂର୍ତ୍ତି ଗାଁରେ ଯୁବକରୁ ବୁଢ଼ା ପର୍ଯ୍ୟନ୍ତ କରିଥାନ୍ତି। ୨୧ଦିନ ନିଷ୍ଠାର ସହ ପାଳନ କରିଥାନ୍ତି। ତୃତୀୟ ଦିନରେ ଯୁଧିଷ୍ଠିର, ଭୀମ, ଅର୍ଜ୍ଜୁନ, ନକୁଳ, ସହଦେବଙ୍କୁ ପୂଜାର୍ଚ୍ଚନା କରି ଆଣିଥାନ୍ତି। ବିଭିନ୍ନ ଦେବଦେବୀଙ୍କୁ ନିଷ୍ଠାର ସହ ପାଳନ କରନ୍ତି ୨୧ ଦିନ ଧରି କଣ୍ଢେଇ ଯାତ୍ରା ଆଣିଥାନ୍ତି। ପଞ୍ଚମୀରେ ବିଧି ବିଧାନରେ ଗୁଣ୍ଡା ପିନ୍ଧା ଯାଏ ବା ମୂର୍ତ୍ତିରେ ରଙ୍ଗ ଦିଆଯାଏ। ପରେ ଗାଁର ସାହି ପରିକ୍ରମା କରି ଗାଁ ଦାଣ୍ଡର କଣ୍ଢେଇ କୁଡ଼ିଆ ଘରେ ରଖାଯାଏ ମୂର୍ତ୍ତି। ୨୦ ଦିନରେ ଜଙ୍ଗଲକୁ ଯାଇ ପୂଜାର୍ଚ୍ଚନା କରି ଦାରୁବ୍ରହ୍ମ ବା ଶାଳ ଗଛକୁ ଅଣାଯାଏ। ଗାଁ ଦାଣ୍ଡରେ ଆଣି ପୋତାଯାଏ। ମହାଭାରତ ଯୁଦ୍ଧରେ ବେଲାଳସେନଙ୍କୁ ଖମ୍ବ ଉପରେ ରଖି ଦୁଇ ପାର୍ଶ୍ୱରେ କୌରବ ଓ ପଞ୍ଚୁପାଣ୍ଡବ ଯୁଦ୍ଧ ଭଳି ହୋଇଥାଏ। ଏହାକୁ କଣ୍ଢେଇ ଯାତ୍ରା ପର୍ବ ବୋଲି କୁହାଯାଏ।

### ୨୫ରେ କନ୍ଧମାଳ ମହୋତ୍ସବ

ଫୁଲବାଣୀ ଅଫିସ, ୮।୧୨- ଜିଲା ପରିଷଦ ସମ୍ମିଳନୀ କକ୍ଷରେ କନ୍ଧମାଳ ମହୋତ୍ସବ ଏବଂ ପଲ୍ଲିଶ୍ରୀ ମେଳା ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପାଟିଲ ଆଶିଷ ଈଶ୍ୱର ଅଧକ୍ଷତା କରିଥିଲେ। ଆଲୋଚନା ପରେ ଆସନ୍ତା ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ କନ୍ଧମାଳ ମହୋତ୍ସବ ଆରମ୍ଭ ହେବାକୁ ସ୍ଥିର କରାଯାଇଥିଲା । ମହୋତ୍ସବ ଲାଗି ବିଭିନ୍ନ କମିଟି ଗଠନ କରାଯାଇଛି। ପ୍ରତି ୧୦ ଦିନରେ ପ୍ରତ୍ୟେକ କମିଟି ଅଧକ୍ଷଙ୍କୁ ନେଇ ବୈଠକ ବସି ଆଲୋଚନା କରାଯିବ । ବୈଠକରେ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ, ଜିଲାପରିଷଦ ନିର୍ବହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଉପ ଜିଲାପାଳ ଶେଷଦେବ ମିଶ୍ର, ପିଏ ଆଇଟିଡିଏ ନରେଶ ଶବର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଭାକର ମହାରଣା, ଓର୍ମାସ ମୁଖ୍ୟ ଦୁର୍ଗାପ୍ରସାଦ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେଡିର ବିଜୟ ଉତ୍ସବ

ଆସିକା/ହିଞ୍ଜିଳିକାଟୁ/ଗୋପାଳପୁର, ୮।୧୨(ଡି.ଏନ.ଏ.): ପଦ୍ମପୁର ଉପନିର୍ବାଚନରେ ଦଳିୟ ପ୍ରାର୍ଥୀଙ୍କ ବିଜୟକୁ ନେଇ ଗୁରୁବାର ବିଜେଡି କର୍ମୀ ମହଲରେ ପ୍ରବଳ ଉଲ୍ଲାସ ପ୍ରକାଶ ପାଇଛି । ଏ ନେଇ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳି, ହିଞ୍ଜିଳିକାଟୁ ନିର୍ବାଚନ ମଣ୍ଡଳି, ଗୋପାଳପୁର ନିର୍ବାଚନ ମଣ୍ଡଳି ବିଜେଡି ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ବିଜେଡି କର୍ମୀମାନେ ସାମିଲ ଥିଲେ।

# ୪ ଦଶନ୍ଧିର ଦାବି, ହୋଇପାରୁନି ଘୁମୁସର ଜିଲା

ବ୍ରହ୍ମପୁର ଅଫିସ,୮।୧୨

ରାଜ୍ୟରେ ନୂଆ ଜିଲା ଗଠନ ଦାବି ସମ୍ପ୍ରତି ବଢ଼ିବାରେ ଲାଗିଛି। ଆସନ୍ତା ୨୦୨୩ରେ ପଦ୍ମପୁରକୁ ଜିଲା ମାନ୍ୟତା ଦିଆଯିବ ବୋଲି ନବୀନ ପଟ୍ଟନାୟକ ସୂଚନା ଦେବା ପରେ ବିଜେଡି ଅଡୁଆରେ ପଡ଼ିଛି। ୪ ଦଶନ୍ଧିର ଦାବି ଘୁମୁସର ଜିଲା ଗଠନ ହୋଇ ନ ଥିବା ବେଳେ ଏବେ ଗଞ୍ଜାମର ଆସିକା, କନ୍ଧମାଳର ବାଲିଗୁଡ଼ା ଓ ଅନୁଗୋଳର ତାଳଚେରକୁ ଜିଲା ଘୋଷଣା ପାଇଁ ସ୍ୱର ଉଠିଛି। ଆଉ ମାତ୍ର ବର୍ଷକ ପରେ ସାଧାରଣ ନିର୍ବାଚନ ହେବାକୁ ଥିବା ବେଳେ ଜିଲା ପ୍ରସଙ୍ଗ ଶାସକ ଦଳକୁ ସମସ୍ୟାରେ ପକାଇବାର ରାଜନୈତିକ ଚର୍ଚ୍ଚା ମଧ୍ୟ ଆରମ୍ଭ ହୋଇଯାଇଛି।

ରାଜ୍ୟର ଅନ୍ୟତମ ବୃହତ୍ତମ ଜିଲା ଗଞ୍ଜାମରେ ୩ ସବଡିଭିଜନ, ୨୨ ବ୍ଲକ ଓ ୫୦୩ ଗ୍ରାମପଞ୍ଚାୟତ ଅଛି। ୩ ହଜାରରୁ ଊର୍ଦ୍ଧ୍ୱ ରାଜସ୍ୱ ଗ୍ରାମ ଜିଲାରେ ଅଛି।

### ଗଞ୍ଜାମରେ ଋଷିକୁଲ୍ୟା ଜିଲା ଗଠନ ପାଇଁ ଦାବି

ପ୍ରଶାସନିକ ବ୍ୟବସ୍ଥାର ବିକେନ୍ଦ୍ରୀକରଣ ଏବଂ ପ୍ରଶାସନକୁ ଲୋକାଭିମୁଖୀ କରିବା ନିମନ୍ତେ ଗଞ୍ଜାମ ଜିଲା ବିଭାଜନ ଜରୁରୀ ହୋଇଯାଇଛି। ସୋରଡ଼ା ଓ ଭଞ୍ଜନଗର ଠାରୁ ଜିଲା ସଦର ମହକୁମା ଶତାଧିକ କିଲୋମିଟର ଦୂରତା ହୋଇଥିବାରୁ ଦୀର୍ଘବର୍ଷର ଜନ ଦାବି ଘୁମୁସର ଜିଲା ଘୋଷଣା ଅପରିହାର୍ଯ୍ୟ ହୋଇଛି। ଏହା ଭିତରେ ଏବେ କେଁ ପଶିଛି ଓ ଆସିକା ଅଞ୍ଚଳବାସୀଙ୍କ ପକ୍ଷରୁ ଋଷିକୁଲ୍ୟା ଜିଲା ଗଠନ ସ୍ୱର ଉଠିଛି। ତେଣୁ ରାଜନୈତିକ ସମସ୍ୟା ଉପୁଜିଛି।

୧୯୮୦ରେ କଂଗ୍ରେସ ଶାସନର ଘୁମୁସର ଜିଲା ଦାବି ଆରମ୍ଭ ହୋଇଥିଲା। ସେତେବେଳେ ଭଞ୍ଜନଗର ବିଧାୟକ ଥିଲେ ପୂର୍ବତନ ବାଚସ୍ପତି, ମନ୍ତ୍ରୀ ଓ ଏମପି ସ୍ୱର୍ଗତ ସୋମନାଥ ରଥ। ଆନ୍ଦୋଳନ ଜୋର ଧରିଥିଲା ଏବଂ କାନ୍ଥ ବାଡ଼ ଓ ଚଳାଚଳ କରୁଥିବା ବସଗୁଡିକରେ ଦାବି ସମ୍ବଳିତ ପୋଷ୍ଟର ଲଗାଯାଇଥିଲା। ପରବର୍ତ୍ତି ପର୍ଯ୍ୟାୟରେ କଂଗ୍ରେସରୁ ଉମାକାନ୍ତ ମିଶ୍ର ଓ ଜନତା ଦଳର ରାମକୃଷ୍ଣ ଗୌଡ଼ ବିଧାୟକ ହୋଇଥିଲେ। ୧୯୯୫ରୁ ୨୦୧୯ ମଧ୍ୟରେ ଲଗାତର ବିଧାୟକ ହୋଇଛନ୍ତି ବର୍ତ୍ତମାନର ବାଚସ୍ପତି ବିକ୍ରମ କେଶରୀ ଆରୁଖ। ପୂର୍ବରୁ ସେ ୩ ଥର କ୍ୟାବିନେଟ ମନ୍ତ୍ରୀ ପଦ ପାଇଥିଲେ। ଘୁମୁସର ଜିଲା ପାଇଁ ନିର୍ବାଚିତ ଜନ ପ୍ରତିନିଧିମାନେ ଗୃହରେ ପ୍ରସଙ୍ଗ ଉଠାଇ ନ ଥିବା ରାଜନୈତିକ ବିଶ୍ଳେଷକ ମତ ରଖିଛନ୍ତି। ଇତିମଧ୍ୟରେ ଓକିଲ ସଂଘ ପକ୍ଷରୁ ଘୁମୁସର ଜିଲା ନିମନ୍ତେ ତୀବ୍ର ସ୍ୱର ଉତ୍ତୋଳନ କରାଯାଇଛି। ଗୋବରାରୁ ଆନ୍ଦୋଳନକୁ ତେଜିବାର ଚେତାବନୀ ଦିଆଯାଇଛି। ଗତ ୨୦୨୧ ସେପ୍ଟେମ୍ବର ୧୫ରେ ଭଞ୍ଜନଗରରେ ଅନୁଷ୍ଠିତ ହୋଇଥିଲା ଗଞ୍ଜାମ ଜିଲା ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ। ଶାସକ ଦଳର ସବୁ ନେତା ଯୋଗ ଦେଇଥିଲେ। ତେବେ ୪ ଦଶନ୍ଧିର ନ୍ୟାର୍ଯ୍ୟ ଦାବି ଘୁମୁସର ଜିଲା ଗଠନ ପାଇଁ ଜଣେ ବି ପ୍ରସଙ୍ଗ ଉଠାଇ ନ ଥିଲେ। ଦଳର ରାଜନୈତିକ ଚିଠା ପ୍ରସ୍ତାବରେ ମଧ୍ୟ ଦାବି କରାଯାଇ ନ ଥିଲା। ପଦ୍ମପୁର ଜିଲା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାରଙ୍କ ପକ୍ଷରୁ ନୁହେଁ ବିଜେଡି ସଭାପତି ଭାବେ ସୂଚନା ଦେଇଛନ୍ତି। ଅପରପକ୍ଷରେ ଚଳିତ ମାସ ୧ ତାରିଖରେ ବିଧାନସଭାରେ ରାଜସ୍ୱ ମନ୍ତ୍ରୀ ରାଜ୍ୟରେ ନୂଆ ଜିଲା ଗଠନର ପ୍ରସ୍ତାବ ନ ଥିବା ଦର୍ଶାଇଛନ୍ତି। ଫଳରେ ପଦ୍ମପୁର ଜିଲା ହେବ କି ନାହିଁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବା ବେଳେ ଘୁମୁସରକୁ ଚ୍ୟାଲେଞ୍ଜ କରି ଆସିକା ଅଞ୍ଚଳବାସୀ ଋଷିକୁଲ୍ୟା ଜିଲା ଦାବି କରିଛନ୍ତି। ବିଜେଡି ସରକାର କ'ଣ ପଦକ୍ଷେପ ନେବେ ସେନେଇ ଜିଲାର ସଚେତନ ମହଲ ସତର୍କ ଦୃଷ୍ଟି ରଖିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କୁ ଅଶ୍ଳୀଳ ମେସେଜ, ପୋଲିସର ତଦନ୍ତ

ବ୍ରହ୍ମପୁର ଅଫିସ, ୮।୧୨-ଜଣେ ମହିଳାଙ୍କ ଫଟୋକୁ ଅପବ୍ୟବହାର କରି ନକଲି ଫେସବୁକ୍ ଆକାଉଣ୍ଟ ଖୋଲି ସେଥିରେ ତାଙ୍କ ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ୍ ଆଇଡି ଉପଲବ୍ଧ କରାଇବା, ଅଶ୍ଳୀଳ ଭିଡିଓ ଓ କମେଣ୍ଟ ପୋଷ୍ଟ କରି ମାନସିକ ଯନ୍ତ୍ରଣା ଦିଆଯାଉଥିବା ନେଇ ସାଇବର୍ ଓ ଅର୍ଥନୈତିକ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା କହିଛି। ପ୍ରକାଶ ଯେ, ସଦର ଥାନା ଅଞ୍ଚଳରେ ରହୁଥିବା ଜଣେ ମହିଳା ଗାନ୍ଧୀନଗରସ୍ଥିତ ଏକ ସଂସ୍ଥାରେ କାମ କରନ୍ତି। କେହି ଜଣେ ତାଙ୍କ ନାମରେ ଏକ ନକଲି ଫେସ୍‌ବୁକ ଆକାଉଣ୍ଟ ଖୋଲି ସମାଜରେ ସମ୍ମାନ ହାନି ଭଳି ମେସେଜ ତାଙ୍କର ବିଭିନ୍ନ ସମ୍ପର୍କୀୟଙ୍କ ପାଖକୁ ପଠାଉଛନ୍ତି। ଏହାଦ୍ୱାରା ମହିଳା ଜଣଙ୍କ ମାନସିକ ନିର୍ଯାତନା ପାଉଛନ୍ତି। ତୁରନ୍ତ ସେହି ଜାଲ୍ ଫେସବୁକ୍ ଆକାଉଣ୍ଟକୁ ବ୍ଲକ୍ କରିବା ସହ ଏଭଳି ବେଆଇନ କାର୍ଯ୍ୟ କରିଥିବା ବ୍ୟକ୍ତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହିଳା ଜଣଙ୍କ ପୋଲିସ ନିକଟରେ ନିବେଦନ କରିଛନ୍ତି। ପୋଲିସ ଏବେ ଉକ୍ତ ଫେସ୍‌ବୁକ ଆକାଉଣ୍ଟକୁ ଟ୍ରାକିଂ କରି ଅଭିଯୁକ୍ତଙ୍କୁ ଧରିବାକୁ ଯୋଜନା କରୁଛି। ଏ ନେଇ ୪୯/୨୨ରେ ଏକ ମାମଲା ରୁଜୁ ହୋଇଛି।

### ୩୧ ଯାଏ ସବୁ ୱାର୍ଡରେ ବୁଲିବ ଟିଫା ମେଶିନ

ବ୍ରହ୍ମପୁର ଅଫିସ, ୮।୧୨-ଗସହରରେ ମଶା ଉପଦ୍ରବର ପ୍ରତିକାର ପାଇଁ ଭାଜପା ପକ୍ଷରୁ ବୁଧବାର ବିଏମସି କମିଶନରଙ୍କ ନିକଟରେ ଦାବି କରାଯାଇଥିଲା। ଦାବି ପ୍ରକାରେ ବିଏମସି ପକ୍ଷରୁ ଗୁରୁବାର ସହରରେ ଟିଫା ମେଶିନ ବୁଲିବା ନେଇ ପଦକ୍ଷେପ ଗ୍ରହଣ କରାଯାଇଛି। ବିଏମସି ପକ୍ଷରୁ ପ୍ରତିଦିନ ୨ଟି ୱାର୍ଡରେ ଟିଫା ମେଶିନ ବୁଲିବା ନେଇ ନିଷ୍ପତ୍ତି ହୋଇଛି। ଏ ନେଇ ବିଏମସି ପକ୍ଷରୁ ଚିଠିରେ ଦର୍ଶାଯାଇଛି। ଚିଠିରେ ଉଲେଖ ରହିଛି ଯେ, ପ୍ରତ୍ୟେକ ୱାର୍ଡରେ ଥିବା ସରକାରୀ କାର୍ଯ୍ୟାଳୟ ଓ କୋଠାରେ ଟିଫା ମେସିନ ମାଧମରେ ମଶା ଧୂଆଁ ଦିଆଯିବା ନେଇ ନିର୍ଦ୍ଦେଶ ରହିଛି। ଆସନ୍ତା ୩୧ ତାରିଖ ଯାଏଁ ବିଏମସି ଅନ୍ତର୍ଗତ ୪୨ଟି ୱାର୍ଡରେ ଟିଫା ମେଶିନ ବୁଲିବା ନେଇ ଚିଠିରେ ଉଲେଖ ରହିଛି। ସ୍ଥାନୀୟ ୱାର୍ଡରେ ସାନିଟେସନ ବିଭାଗର ଅଧିକାରୀମାନେ ଦାୟିତ୍ୱରେ ରହିବେ ବୋଲି ସୂଚନା ମିଳିଛି।

# ଆଇନ ମହାବିଦ୍ୟାଳୟରେ ସ୍ୱାଗତ ସମାରୋହ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

ବ୍ରହ୍ମପୁର ଅଫିସ,୮।୧୨

ଗଞ୍ଜାମ ଆଇନ ମହାବିଦ୍ୟାଳୟରେ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସରୋଜ ସାମନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. କମଳ ଜିତ ସିଂହ ଓ ସମ୍ମାନୀୟ ଅତିଥି ରୂପେ ମଧୁସୁଦନ ଆଇନ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଚେୟାରମ୍ୟାନ ଡ.ସୁକାନ୍ତ କୁମାର ନନ୍ଦ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଛାତ୍ରୀଛାତ୍ରଙ୍କୁ ନମ୍ରତା, ସମର୍ପଣ, ସମୟାନୁବର୍ତ୍ତିତା, ସଚ୍ଚୋଟତା ସମ୍ପର୍କରେ କହିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ସରୋଜ କୁମାର ସାମନ୍ତ ମହାବିଦ୍ୟାଳୟର ବିବରଣୀ ଦେଇଥିଲେ। ଗଞ୍ଜାମ ଆଇନ ମହାବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ଡ. ବିନାୟକ ପଟ୍ଟନାୟକ ଆଇନ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ମନିଷା ବିଶ୍ୱାଳ, ଅଧ୍ୟାପକ ଡ.ତ୍ରିଲୋଚନ ଲେଙ୍କା, ଅଧ୍ୟାପକ ମନୋଜ କୁମାର ସାମନ୍ତ, ଅଧ୍ୟାପିକା ସୁଦାତା ରଥଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ପରିଚାଳନାରେ ସହଯୋଗ କରିଥିଲେ।

### ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର ଅଫିସ,୮।୧୨

ସରକାରୀ ରେଲୱେ ପୋଲିସ (ଜିଆର୍‌ପି) ବୁଧବାର ବିଳମ୍ବିତ ରାତିରେ ବ୍ରହ୍ମପୁର ଷ୍ଟେଶନ ୧ ନଂ.ପ୍ଲାଟଫର୍ମ ଇଚ୍ଛାପୁର ପଟ ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ତାଙ୍କ ବୟସ ୩୦ରୁ ୩୫ବର୍ଷ ହେବ ବୋଲି ପୋଲିସ ସନ୍ଦେହ କରୁଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଏଠାରେ ୪ ଦିନ ପାଇଁ ମୃତଦେହ ସଂରକ୍ଷିତ ରଖାଯିବ ବୋଲି ଥାନାଧିକାରୀ ଜ୍ୟୋତି ପ୍ରକାଶ ନାୟକ ସୂଚନା ଦେଇଛନ୍ତି। ପ୍ରାଥମିକ ତଦନ୍ତରୁ ଯୁବକ ଜଣଙ୍କ ଟ୍ରେନ୍ ଆଗକୁ ଆସି ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ଏ ନେଇ ନଂ. ୧୦୩/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com


@ ସୁଜୁ


@ ଝରଣା


@ମିଥୁନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଭିଯୁକ୍ତ ଅଧ୍ୟାପକଙ୍କୁ ଜାମିନ

ବ୍ରହ୍ମପୁର ଅଫିସ,୮।୧୨

ଅତିରିକ୍ତ ଜିଲାଜଜ୍ (ଏଡିଜେ-୩) ଡା. ଇନ୍ଦୁ ଶର୍ମା ଗୁରୁବାର ଏକ ଯୌତୁକ ନିର୍ଯାତନା ମାମଲାର ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ସୁଜିତ ପ୍ରିୟଦର୍ଶିନୀ ଦାସ(୩୩)। ସେ ଏକ ସରକାରୀ କଲେଜର ଅଧ୍ୟାପକ ଅଟନ୍ତି। ଗତ ନଭେମ୍ବର ୨୩ ତାରିଖରୁ ଗିରଫ ହୋଇ ମଣ୍ଡଳ କାରାଗାରରେ ଥିବା ଅଧ୍ୟାପକ ସୁଜିତଙ୍କ ଜାମିନ ପୂର୍ବରୁ ଏସଡ଼ିଜେଏମ ଖାରଜ କରିଦେଇଥିଲେ। ପରେ ମୁଦାଲାଙ୍କ ପକ୍ଷରୁ ଓକିଲ ପ୍ରଦୀପ କୁମାର ଶତପଥୀ ଓ ଧୀରେନ କୁମାର ଜେନା ଏଡିଜେ- ୩ କୋର୍ଟରେ ତାଙ୍କ ଜାମିନ ପାଇଁ ଆବେଦନ କରିଥିଲେ। ସରକାରୀ ଓକିଲ ବିକ୍ରମ କୁଣ୍ଡୁ ଉକ୍ତ ଜାମିନର ଦୃଢ଼ ବିରୋଧ କରିଥିଲେ। ଶେଷରେ ଏଡିଜେ-୩ ଶର୍ମା ଅଭିଯୁକ୍ତ ଅଧ୍ୟାପକଙ୍କୁ ୨୫ହଜାର ଟଙ୍କାର ମୁଚାଲିକା ଓ ଦୁଇ ଜାମିନଦାର ଜରିଆରେ ଜାମିନରେ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ଶତପଥୀ ଏସମ୍ପର୍କିତ ସମସ୍ତ କାଗଜପତ୍ର ଏସଡ଼ିଜେଏମ କୋର୍ଟରେ ଦାଖଲ କରିବା ପରେ ସନ୍ଧ୍ୟାରେ ଅଭିଯୁକ୍ତ ଅଧ୍ୟାପକ ଜେଲରୁ ମୁକୁଳିଛନ୍ତି।

### ଯୌତୁକ ନିର୍ଯାତନା ମାମଲା

ପ୍ରକାଶ ଯେ, ୨୦୨୧ ନଭେମ୍ବର ୨୧ ତାରିଖରେ ଅଧ୍ୟାପକ ସୁଜିତ ପ୍ରିୟଦର୍ଶିନୀ କିରଣ ରାଣୀ ମହାରଣାଙ୍କୁ ବିବାହ କରିଥିଲେ। ସେମାନଙ୍କ ମଧ୍ୟରେ କୌଣସି କାରଣକୁ କେନ୍ଦ୍ରକରି ଝଗଡା ଲାଗି ରହିଥିଲା। କିରଣଙ୍କୁ ତାଙ୍କ ସ୍ୱାମୀ ଅଧିକ ଯୌତୁକ ଦାବି କରି ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ଏପରକି ସ୍ୱାମୀ ତାଙ୍କର ଗର୍ଭନଷ୍ଟ ମଧ୍ୟ କରିଥିଲେ। ଜୀବନରେ ମାରିଦେବାକୁ ତାଙ୍କୁ ସୁଜିତ ଉଦ୍ୟମ କରିଥିଲେ ବୋଲି ମହିଳା ଜଣଙ୍କ ଗତ ୨୨ ତାରିଖରେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ନଂ.୪୦୮/୨୨ରେ ଅଧ୍ୟାପକ ସ୍ୱାମୀ ସୁଜିତଙ୍କୁ ଗତ ୨୩ ତାରିଖରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ୧,୫୩୭ କେଜି ଗଞ୍ଜେଇ, ୯.୪୮ଗ୍ରାମ ବ୍ରାଉନ ସୁଗାର ନଷ୍ଟ


ଜବତ ଗଞ୍ଜେଇ ଓ ବ୍ରାଉନ ସୁଗାରକୁ ନଷ୍ଟ କରାଯାଉଛି ।

ବ୍ରହ୍ମପୁର ଅଫିସ,୮।୧୨

ବ୍ରହ୍ମପୁର ଜିଲା ପୋଲିସ ପକ୍ଷରୁ ବିଭିନ୍ନ ସମୟରେ ଜବତ ହୋଇଥିବା ଗଞ୍ଜେଇ ଏବଂ ବ୍ରାଉନ ସୁଗାରକୁ ଗୁରୁବାର କୋର୍ଟ ଅନୁମତି କ୍ରମେ ଶେରଗଡ଼ ସ୍ଥିତ ଡ୍ରଗ୍ସ ଡିସ୍ପୋଜାଲ୍ ସେଣ୍ଟର୍ ଠାରେ ନଷ୍ଟ କରାଯାଇଛି। ବ୍ରହ୍ମପୁର ଏସ୍‌ପିଙ୍କ ଅଧ୍ୟକ୍ଷତାରେ ଗଠିତ ଡ୍ରଗ୍ସ ଡିସ୍ପୋଜାଲ୍ କମିଟି ଦ୍ୱାରା ଜଣେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ବୈଜ୍ଞାନିକ ପଦ୍ଧତିରେ ଏହି କାର୍ଯ୍ୟ ସମ୍ପାଦିତ ହୋଇଥିଲା। ବ୍ରହ୍ମପୁର ପୋଲିସ ଜିଲାର ବଡ଼ବଜାର, କେ.ନୂଆଗାଁ, ଜରଡ଼ା, ସଦର, ଗୋଳନ୍ଥରା, ଦିଗପହଣ୍ଡି ଓ ଗୋଷାଣୀନୂଆଗାଁ ଥାନା ଅଞ୍ଚଳରୁ ଜବତ ହୋଇଥିବା ୧୫୩୭.୨୩୭ କେଜି ଗଞ୍ଜେଇ ଏବଂ ୯.୪୮ଗ୍ରାମ ବ୍ରାଉନ ସୁଗାର ନଷ୍ଟ କରାଯାଇଥିବା ବ୍ରହ୍ମପୁର ଏସପି ଡ଼ା. ଶ୍ରବଣା ବିବେକ ଏମ ସୂଚନା ଦେଇଛନ୍ତି।

# ୧୧ ମାସରେ ୫.୪୭ କୋଟି ଆଦାୟ

ବ୍ରହ୍ମପୁର ଅଫିସ,୮।୧୨

ସହରର ଟ୍ରାଫିକ ସମସ୍ୟା ଦୂର କରିବା, ଦୁର୍ଘଟଣା ରୋକିବା ଲାଗି ନିୟମିତ ବ୍ୟବଧାନରେ ଧରପଗଡ଼ ଜାରି ରହିଛି। ବ୍ରହ୍ମପୁର ଏସ୍‌ପି ଡା. ଶ୍ରବଣା ବିବେକ ଏମ.ଙ୍କ ନିର୍ଦ୍ଦେଶକ୍ରମେ ସହରରେ ଟ୍ରିପଲ ରାଇଡିଂ, ଭୁଲ ରାସ୍ତାରେ ଗାଡ଼ି ଚଳାଇବା ଓ ହେଲମେଟ ବ୍ୟବହାର କରୁ ନ ଥିବା ଅମାନିଆଙ୍କୁ ସାବାଡ଼ କରିବା ପାଇଁ ଜରିମାନା ଆଦାୟ କରାଯାଉଛି। ଗତ ୧୧ ମାସ ମଧ୍ୟରେ ଟ୍ରାଫିକ ପୋଲିସ ୫୭,୩୧୭ ଜଣ ଅମାନିଆଙ୍କ ଠାରୁ ୫ କୋଟି ୪୭ ଲକ୍ଷ ୬୧ ହଜାର ଟଙ୍କା ଜରିମାନା ଆଦାୟ କରିଛି। ସେହିପରି ୧୯୧୦ ଜଣ ଅମାନିଆଙ୍କ ଡ୍ରାଇଭିଂ ଲାଇସେନ୍ସ ଜବତ କରି ତାହା ବାତିଲ ପାଇଁ ପୋଲିସ ଆଞ୍ଚଳିକ ପରିବହନ ବିଭାଗକୁ ପଠାଇଛି। ଆଗକୁ ମଧ୍ୟ ସହରରେ ଏଭଳି ଭାବେ ଯାଞ୍ଚ ଜାରି ରହିବ ବୋଲି ଟ୍ରାଫିକ ଥାନାଧିକାରୀ ରାମ ସୁବ୍ରମନ୍ୟମ ପ୍ରଧାନ କହିଛନ୍ତି। ସହରର ବ୍ଲାକସ୍ପଟ ଭାବେ ଚିହ୍ନଟ ହୋଇଥିବା ଲାଞ୍ଜିପଲ୍ଲୀ ବାଇପାସ, କମାପଲି, ଗେଟବଜାର ସମେତ ଚର୍ଚ୍ଚରୋଡ, ଅର୍ଣ୍ଣପୂର୍ଣ୍ଣା ମାର୍କେଟ, ଆସିକା ରୋଡ ଆଦି ଅଞ୍ଚଳରେ ପୋଲିସ ପକ୍ଷରୁ ଯାଞ୍ଚ କଡାକଡି କରାଯାଉଛି ବୋଲି ଟ୍ରାଫିକ ଥାନାଧିକାରୀ ସୂଚନା ଦେଇଛନ୍ତି।

### ଟ୍ରାଫିକ ନିୟମ ନ ମାନି ଗଣୁଛନ୍ତି ଦଣ୍ଡ

# ଅବସରପ୍ରାପ୍ତ କର୍ମଚାରୀଙ୍କ କାର୍ଯ୍ୟକାରୀ ବୈଠକ

**ବ୍ରହ୍ମପୁର ଅଫିସ,୮।୧୨:** ସର୍ବଭାରତୀୟ ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀଙ୍କ କାର୍ଯ୍ୟକାରୀ ବୈଠକ ନୂଆଦିଲ୍ଲୀସ୍ଥିତ ଅଶୋକ ନଗର ଦତ୍ତ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ଚେୟାରମ୍ୟାନ ପି.କେ.ଶର୍ମା ଅଧ୍ୟକ୍ଷତା କରିଥିଲେ। ସର୍ବଭାରତୀୟ ରେଳ କର୍ମଚାରୀ ଫେଡେରଶନ ସଂପାଦକ ଗୋପାଳ ମିଶ୍ର, ସର୍ବଭାରତୀୟ ଇଞ୍ଜିନିୟର ସଂଘ ସଭାପତି ଏସ.ଏନ. ହୁଗର ଓ ସଂପାଦକ ଏସ ଏନ ରାଜବଂଶୀ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ବୈଠକରେ ଓଡିଶା ସେବା ନିବୃତ୍ତ କର୍ମଚାରୀ ଶିକ୍ଷା ବିକାଶ ମଞ୍ଚ ରାଜ୍ୟ ସଂପାଦକ ଯୋଗ ଦେଇ ଦୀର୍ଘ ଦିନରୁ ଲକ୍ଷ ଲକ୍ଷ ପେନସନ ଭୋଗୀଙ୍କ ନାର୍ଯ୍ୟ ପ୍ରାପ୍ତ ଗୁଡିକୁ ଅଣଦେଖା କରାଯାଉଥିବା ଦର୍ଶାଇଥିଲେ। ଅତିଥିମାନେ ଅବସରପ୍ରାପ୍ତ କର୍ମଚାରୀଙ୍କ ଅବହେଳା ପ୍ରତି ସମାଲୋଚନା କରି ଅନ୍ୟାୟର ପ୍ରତିବାଦ କରିବା ପାଇଁ ଆହ୍ୱାନ ଦେଇଥିଲେ। । ଦାବି ସମୂହ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିବା ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି ହୋଇଥିଲା।

# ଡିଇଓ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷୟିତ୍ରୀଙ୍କ ଧାରଣା

ବ୍ରହ୍ମପୁର ଅଫିସ,୮।୧୨

ବ୍ରହ୍ମପୁରସ୍ଥ ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ହାଇସ୍କୁଲ ଶିକ୍ଷୟିତ୍ରୀ ଅକଲିମ ବେଗମଙ୍କ ଆମରଣ ଅନଶନ ଗୁରୁବାର ୩ ଦିନରେ ପହଞ୍ଚିଛି। ଗୁରୁବାର ଶିକ୍ଷୟିତ୍ରୀ ଜଣକ ନିଜ ଶିଶୁ ପୁତ୍ରଙ୍କ ସହ ଧାରଣାରେ ବସିଥିଲେ। ଅକଲିମଙ୍କ ଅଭିଯୋଗ ଯେ, ତାଙ୍କୁ ଆକ୍ରୋଶମୂଳକ ଭାବେ ବାରମ୍ବାର ବଦଳି କରାଯାଉଛି। କୌଣସି କାରଣ ଓ ପ୍ରମାଣ ନଥାଇ ସୁଦ୍ଧା ମିଥ୍ୟା ଅଭିଯୋଗରେ ତାଙ୍କୁ ୨୦୧୯ରେ ଚାକିରିରୁ ସସପେଣ୍ଡ କରାଯାଇଥିଲା। ପରବର୍ତ୍ତୀ ସମୟରେ ଚାକିରିରେ ଯୋଗଦେବା ନିମନ୍ତେ ଅନୁମତି ମିଳିଥିଲେ ସୁଦ୍ଧା ଏଯାବତ ଉପଯୁକ୍ତ ପ୍ରାପ୍ୟ ପ୍ରଦାନ କରାଯାଉନାହିଁ। ସେହିପରି ୨୦୧୯ରୁ ୨୨ ମଧ୍ୟରେ ତାଙ୍କୁ ଆସିକା ବାଳିକା ହାଇସ୍କୁଲରୁ ଧନନ୍ତର ହାଇସ୍କୁଲ ଓ ବର୍ତ୍ତମାନ ପୁଣିଥରେ ବାଲିପଡ଼ା ହାଇସ୍କୁଲକୁ ବଦଳି ହୋଇଛି।



ଶିଶୁପୁତ୍ରକୁ ଧରି ଧାରଣାରତ ଶିକ୍ଷୟିତ୍ରୀ ଅକଲିମା ବେଗମ।

ବାରମ୍ବାର ବଦଳି ନିମନ୍ତେ ଶିକ୍ଷାବିଭାଗର ଏଭଳି କୌଣସି ନିୟମ ନଥିଲେ ସୁଦ୍ଧା ଆକ୍ରୋଶମୂଳକ ଭାବେ ବାରମ୍ବାର ତାଙ୍କୁ ବଦଳି କରାଯାଉଛି ବୋଲି ଶିକ୍ଷୟିତ୍ରୀ ଅକଲିମ ଅଭିଯୋଗ ଆଣିଛନ୍ତି। ଏହାସହ ଲିଖିତ ଅଭିଯୋଗ ଜିଲା ଶିକ୍ଷାଧିକାରୀ, କାର୍ଯ୍ୟାରତ ହାଇସ୍କୁଲ, ଜିଲାପାଳଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି। ଉପଯୁକ୍ତ ବେତନରୁ ବଞ୍ଚିତ ଓ ବାରମ୍ବାର ବଦଳି ହେତୁ ଶିକ୍ଷୟିତ୍ରୀ ଜଣକ ମାନସିକ ଓ ଶାରୀରିକ ଭାବେ ନିର୍ଯାତିତ ହେଉଥିବା ଅଭିଯୋଗ ଆଣିଛନ୍ତି। ଉପଯୁକ୍ତ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଧାରଣାରୁ ଓହରିବେ ନାହିଁ ବୋଲି ସେ କହିଛନ୍ତି।

# ସମସ୍ୟା ସମାଧାନ ଲାଗି ଡିଇଓଙ୍କୁ ଦାବିପତ୍ର ପ୍ରଦାନ

### ଯୋଗିଆପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ବ୍ରହ୍ମପୁର ଅଫିସ,୮।୧୨

ବ୍ରହ୍ମପୁର ସହର ଉପକଣ୍ଠସ୍ଥ କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଯୋଗିଆପଲ୍ଲୀ ଗ୍ରାମସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨ ମାସ ହେଲା ବିଭିନ୍ନ ସମସ୍ୟା ଲାଗି ରହିଛି। ସମସ୍ୟା ସମାଧାନ ଲାଗି ବିଦ୍ୟାଳୟ କମିଟି, ଅଭିଭାବକ ଓ ଅଞ୍ଚଳବାସୀ ଗୁରୁବାର ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ଅଞ୍ଚଳବାସୀ ଓ ବିଦ୍ୟାଳୟ କମିଟି ସଦସ୍ୟଙ୍କ ଅଭିଯୋଗ ଅନୁସାରେ ଦୀର୍ଘ ଦୁଇମାସରୁ ଊର୍ଦ୍ଧ୍ୱ ହେବ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ହୋଇଛି। ମାତ୍ର ସେ ଏବେ ସୁଦ୍ଧା ଦାୟିତ୍ୱ ହସ୍ତାନ୍ତର କରିନାହାନ୍ତି। ଏହି କାରଣରୁ ବିଦ୍ୟାଳୟର ସମସ୍ତ ଆନୁସଙ୍ଗିକ କାର୍ଯ୍ୟରେ ବାଧାସୃଷ୍ଟି ହେଉଛି। ବିଦ୍ୟାଳୟରେ ପିଲାଙ୍କୁ ପୋଷାକ ଓ ଜୋତା ବଣ୍ଟନ ହୋଇ ନ ପାରି ପଡ଼ିରହିଛି। ସେହିପରି ଦୁଇ ମାସ ହେବ ପରିଚାଳନା କମିଟି ସଦସ୍ୟଙ୍କୁ ଦାୟିତ୍ୱ ହସ୍ତାନ୍ତର ହୋଇ ନ ଥିବାରୁ ମଧ୍ୟାହ୍ନଭୋଜନ ଯୋଗାଣରେ ମଧ୍ୟ ଅସୁବିଧା ହେଉଛି। ଏ ନେଇ ବିଦ୍ୟାଳୟ ପରିଚାଳନା କମିଟି ପୂର୍ବରୁ କୁକୁଡ଼ାଖଣ୍ଡି ବିଇଓଙ୍କୁ ଜଣାଇଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସ୍ଥାୟୀ ପ୍ରତିକାର ହୋଇପାରିନାହିଁ। ସୂଚନାଯୋଗ୍ୟ, ଯୋଗିଆପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବହୁ ପୁରାତନ । ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୦୭ ଜଣ ଛାତ୍ରୀଛାତ୍ର ଅଧ୍ୟୟନରତ। ଜିଲା ଶିକ୍ଷାଧିକାରୀ ସମସ୍ୟାର ତୁରନ୍ତ ସମାଧାନ ନ କଲେ ଆଗାମୀ ଦିନରେ ବିଦ୍ୟାଳୟରେ ତାଲା ପଡ଼ିବ ବୋଲି ଅଞ୍ଚଳବାସୀ ଓ ଅଭିଭାବକମାନେ ଚେତାବନୀ ଦେଇଛନ୍ତି।


ଡିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯୋଗିଆପଲ୍ଲୀ ଗ୍ରାମବାସୀ ।

## ସଂକ୍ଷେପରେ

### ୫୦ ବର୍ଷ ଜବରଦଖଲରେ ଥିବା ଜାଗା ଆକ୍ତିଆର କଲା ପୌରପାଳିକା



ଜୟପୁର, ୮।୧୨ (ନି.ପ୍ର.): ଜୟପୁର ଦୈନିକ ବଜାର ନିକଟରେ ଥିବା ଚାଉଳ ଟ୍ରି ରାସ୍ତାରେ ୫୦ ବର୍ଷ ଧରି ଜରଦଖଲରେ ଥିବା ବହୁକୋଟି ଟଙ୍କାର ମୂଲ୍ୟବାନ ଜାଗାକୁ ପୌରପାଳିକା ନିଜ ଅଧୀନକୁଆଣିଛି। ଏଠାରେ ଜବରଦଖଲକାରୀ ହନୁମାନ ଟେକ୍ସଟାଇଲ ଦୋକାନ ଖୋଲି ବ୍ୟବସାୟ ଚଳାଇଥିଲେ। ୪ ଡେସିମିଲ ଜାଗାରେ ୨ଟି ଷ୍ଟଲରେ ଦୋକାନ ଖୋଲାଯାଇଥିଲା। ଏନେଇ ପୌରପାଳିକା କୋର୍ଟରେ ଆଶ୍ରୟ ନେଇଥିଲା। କୋର୍ଟଙ୍କ ନିର୍ଦ୍ଦେଶରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ,ପୌର କର୍ମଚାରି, ଟାଉନଥାନା ପୋଲିସ ଓ ମାଜିନ୍ଟ୍ରଟ ଭାବେ ଅତିରିକ୍ତ ତହସିଲଦାର ରିତୁ ସିଂ ଉପସ୍ଥିତ ରହି ଜବରଦଖଲରେ ଥିବା ଜାଗାକୁ ଅକ୍ତିଆରକୁ ଆଣିଥିଲେ।

### ଘର ଉପରେ ଚଢ଼ାଉ: ଗଞ୍ଜେଇ ଜବତ, ଜଣେ ଗିରଫ



ଜୟପୁର, ୮।୧୨ (ନି.ପ୍ର.): ଜୟପୁର ସଦର ପୋଲିସ ଏକ ଘର ଉପରେ ଚଢ଼ାଉ କରି ଗଞ୍ଜେଇ ଜବତ କରିଛି। ଏହି ମାମଲାରେ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଜୟପୁର ସଦର ଥାନା ଆନ୍ତର୍ଗତ କେରାପୁଟର ମଦନ ହରିଜନ ଏଲିୟସ ଟାକରି (୨୫)। ସଦର ପୋଲିସ ପାଟ୍ରୋଲିଂ କରୁଥିବା ବେଳେ କେରାପୁଟର ଜଣକଙ୍କ ଘରେ ଗଞ୍ଜେଇ ରହିଥିବା ସୂଚନା ପାଇଥିଲା। ଏହାକୁ ଭିତ୍ତି କରି ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କେରାପୁଟର ମଦନ ହରିଜନଙ୍କ ଘରେ ଚଢ଼ାଉ କରଥିଲା। ମୋଟ ୧୦୨ କେଜି ଗଞ୍ଜେଇ ଜବତ ହୋଇଛି। ଜବତ ଗଞ୍ଜେଇ ବାହାର ରାଜ୍ୟକୁ ଚାଲାଣ କରାଯିବାକୁ ଯୋଜନା କରାଯାଉଥିବା ବେଲି ପୋଲିସ ତଦନ୍ତରୁ ଜଣିବାକୁ ପାଇଛି ବୋଲି ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

### ଜୟପୁର ଉପଖଣ୍ଡସ୍ତରୀୟ ଭୋଟର ସଚେତନତା କାର୍ଯ୍ୟକ୍ରମ

ଜୟପୁର,୮।୧୨ (ନି.ପ୍ର.): ଜୟପୁର ଉପଖଣ୍ଡସ୍ତରୀୟ ଭୋଟର ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ବେଦବର ପ୍ରଧାନ ଏନେଇ ରହିଥିବା ଫର୍ମ ୬,୭,୮ ର ଉପଯୋଗିତା ସମ୍ପର୍କରେ ବିସ୍ତୃତଭାବେ ବୁଝାଇଥିଲେ। ଭାଜପା, କଂଗ୍ରେସ, ବିଜେଡି ଓ କମ୍ୟୁନିଷ୍ଟ ଦଳର କର୍ମୀମାନେ ଉପସ୍ଥିତ ଥିଲେ। ୧୮ରୁ ୨୨ ବର୍ଷର ଯୁବତୀଯୁବକଙ୍କ ନାମ କିପରି ଅଧିକ ସଂଖ୍ୟାରେ ଭୋଟର ତାଲିକାରେ ପଞ୍ଜୀକରଣ କରାଯାଇପାରିବ ସେନେଇ ଉପଜିଲାପାଳ ବୁଝାଇଥିଲେ। ଏଥିସହ ଭୋଟର ତାଲିକାରେ ନାମ ସଂଶୋଧନ,ବାଦ୍,ଆଧାର ସଂଯୋଗ ଓ ଦିବ୍ୟାଙ୍ଗମାନଙ୍କୁ କିପରି ଫର୍ମ ୮ରେ ଅନ୍ତର୍ଭୁକ୍ତ କରାଯିବ ସେ ସମ୍ପର୍କରେ ଅବଗତ କରାଇଥିଲେ।

### ଅଣସଂକ୍ରାମକ ରୋଗର ନିରୂପଣ ଶିବିର

ଜୟପୁର, ୮।୧୨ (ନି.ପ୍ର.): ଅଣସଂକ୍ରାମକ ରୋଗ ନିରୁପଣ ଶିବିର ଜୟପୁରରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଜୟପୁର ଏଲଆର ଓ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଜଗଧାତ୍ରୀପୁର ପକ୍ଷରୁ ଏହି ଶିବିରି ହୋଇଥିଲା। ଜୟପୁର ଏଲଆର ପକ୍ଷରୁ ଏହା ମହାରାଣୀପେଟା କନକେଶ୍ୱରୀ ମନ୍ଦିର ପରିସରରେ ହୋଇଥିବା ବେଳେ ରାଜୁସାହିସ୍ଥିତ ପଞ୍ଚାନନ ମନ୍ଦିର ପରିସରରେ ଜଗଧାତ୍ରୀପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ଶିବିର ହେଇଥିଲା। ଶିବିରରେ ରୋଗ ନିରୁପଣ, ରକ୍ତ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା। କନକେଶ୍ୱରୀ ମନ୍ଦିର ପରିସରରେ ୭୯୫ ଜଣ ରୋଗୀ ଚିକିତ୍ସିତ ହୋଇଥିବା ବେଳେ ପଞ୍ଚାନନ ମନ୍ଦିର ପରିସରରେ ୮୯୦ ରୋଗୀ ଚିକିତ୍ସିତ ହୋଇଥିଲେ। ପଞ୍ଚାନନ ମନ୍ଦିର ପରିସର ଶିବିରକୁ କାଉନସିଲର ଅପ୍ରିତା ଷଡଙ୍ଗୀ ପରିଦର୍ଶନ କରିଥିଲେ।

### ଜିଲାପାଳଙ୍କୁ ସ୍ମାରକପତ୍ର, ଆମରଣ ଅନଶନ ପାଇଁ ନିଷ୍ପତ୍ତି

# ସରକାରୀ ଜମି ଜବରଦଖଲ ଉଚ୍ଛେଦ ଦାବି

ଦିଗପହଣ୍ଡି,୮।୧୨(ଡି.ଏନ.ଏ.)

ସାନଖେମୁଣ୍ଡି ତହସିଲ ଅନ୍ତର୍ଗତ ପୋଡାମାରୀ ଗ୍ରାମର ବହୁ ପରିମାଣର ସରକାରୀ ଜମିକୁ କେତେଜଣ ଜବରଦଖଲ କରିଥିବା ଅଭିଯୋଗ ହୋଇଛି। ସେହିପରି ବହୁବର୍ଷ ହେଲା ରାଜସ୍ୱ ବିଭାଗ ପକ୍ଷରୁ ସେଟେଲମେଣ୍ଟ ସରିଥିଲେ ମଧ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ଗ୍ରାମକଣ୍ଠ ପଟ୍ଟା ବଣ୍ଟନ କରାଯାଇନାହିଁ। ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ସହ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଗ୍ରାମ କଣ୍ଠ ଘରବାରି ପଟ୍ଟା ବଣ୍ଟନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଉଦ୍ଦେଶ୍ୟରେ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମଙ୍ଗଳବାର ଗ୍ରାମବାସୀଙ୍କ ପକ୍ଷରୁ ଏନେଇ ଏକ ସଭାର ଆୟୋଜନ କରାଯାଇଥିଲା। ତୁରନ୍ତ ସମସ୍ୟାର ସମାଧାନ କରାନଗଲେ ଆଗାମୀ ଦିନରେ ସାନଖେମୁଣ୍ଡି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରାଯିବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ସରପଞ୍ଚ ସନ୍ତୋଷ କୁମାର ବିଷୋୟୀ, ସମିତି ସଭ୍ୟ ପି .ଚନ୍ଦ୍ରମା ପାତ୍ର, ସନ୍ତୋଷ କୁମାର ଗୌଡ, ରାମେଶ୍ୱର ପାତ୍ର, ଶିବ ପ୍ରଧାନ, ସୁଶାନ୍ତ କୁମାର ବେହେରା ଓ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି। ପୋଡାମାରୀ ଗ୍ରାମରେ ବହୁ ଗରିବ ଲୋକ ବର୍ତ୍ତମାନ ସୁଦ୍ଧା ବାସହୀନ ଅବସ୍ଥାରେ ରହି ଆସୁଛନ୍ତି। ସେମାନଙ୍କୁ ଚିହ୍ନଟ କରାଯାଇ ବସୁନ୍ଧରା ଯୋଜନାରେ ଘର ପଟ୍ଟା ପ୍ରଦାନ ପାଇଁ ସେମାନେ ବାରମ୍ବାର ଆବେଦନ କରିଥିଲେ ମଧ ରାଜସ୍ୱ ବିଭାଗ ପକ୍ଷରୁ ଅଣଦେଖା କରାଯାଉଛି। ଗ୍ରାମରେ ସେଟେଲମେଣ୍ଟ ହୋଇଥିଲେ ମଧ ବର୍ତ୍ତମାନ ଯାଏ ବହୁ ହିତାଧିକାରୀଙ୍କୁ ତାଙ୍କ ଘରର ପଟ୍ଟା ପ୍ରଦାନ କରାଯାଇନାହିଁ। ତେଣୁ ରାଜସ୍ୱ ବିଭାଗ ପକ୍ଷରୁ ସରଜମିନ ତଦନ୍ତ କରାଯାଇ ତୁରନ୍ତ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପଟ୍ଟା ଯୋଗାଇ ଦେବାପାଇଁ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଏଥିସହ ଗ୍ରାମର ସରକାରୀ ଏବଂ ଗୋଚର ଜମିକୁ କିଛି ବ୍ୟକ୍ତି ଜବରଦଖଲ କରିଥିବା ବେଳେ ଶୀଘ୍ର ଏହାକୁ ଉଚ୍ଛେଦ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ପୂର୍ବରୁ ରାଜସ୍ୱ କାର୍ଯ୍ୟାଳୟ ଏବଂ ସ୍ଥାନୀୟ ତହସିଲ କାର୍ଯ୍ୟାଳୟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ କୌଣସି ସୁଫଳ ମିଳିନଥିବା ସରପଞ୍ଚ ଦର୍ଶାଇଛନ୍ତି।

## ବୁଣାକାରଙ୍କ ବିକାଶ ନେଇ ଆଲୋଚନା

ଦିଗପହଣ୍ଡି, ୮।୧୨(ଡି.ଏନ୍.ଏ.)

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମରେ ରହୁଥିବା ହସ୍ତତନ୍ତ ବୁଣାକାରଙ୍କ ବିକାଶ ନିମନ୍ତେ ବୁଧବାର ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନାବାର୍ଡ ପକ୍ଷରୁ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ବି .ସନ୍ଧ୍ୟାରାଣୀ ସୁବୁଦ୍ଧି ଏବଂ ପୂର୍ବତନ ସରପଞ୍ଚ ବି . କ୍ରିଷ୍ଣାରାଓ ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ଦିଗପହଣ୍ଡି ବିଡିଓ ହଳଧର ଶବର ଯୋଗ ଦେଇଥିଲେ। ପଦ୍ମନାଭପୁର ଗ୍ରାମରେ ବହୁ ତନ୍ତୀ (ଡେରା) ସମ୍ପ୍ରଦାୟର ପରିବାର ହାତରେ ଲୁଗା ବୁଣି ପରିବାର ପରିପୋଷଣ କରିଆସୁଛନ୍ତି। କିନ୍ତୁ ବର୍ତ୍ତମାନ ସୁଦ୍ଧା ସେମାନେ ସରକାରୀସ୍ତରରେ କୌଣସି ସହାୟତା ପାଇପାରୁ ନାହାନ୍ତି। ଏନେଇ ସେମାନେ ସରପଞ୍ଚଙ୍କ ନିକଟରେ ସେମାନଙ୍କ ମୌଳିକ ସମସ୍ୟା ଜଣାଇଥିଲେ। ଫଳରେ ନାବାର୍ଡ ପକ୍ଷରୁ ଡିଡିଏମ ସଞ୍ଜୀବ ମିଶ୍ର, ପିଆଇଓ ସଞ୍ଜୀବ ପଟ୍ଟନାୟକ, ପ୍ରକଳ୍ପ ନିର୍ଦ୍ଦେଶକ ସତ୍ୟନାରାୟଣ ମିଶ୍ର, ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଜିତେନ୍ଦ୍ର ମାଲିଆଙ୍କ ଉପସ୍ଥିତିରେ ସେମାନଙ୍କ ସମସ୍ୟା କିପରି ସମାଧାନ ହୋଇପାରିବ ଏବଂ ସେମାନଙ୍କ ଉନ୍ନତି ନିମନ୍ତେ ଆଲୋଚନା କରାଯାଇଥିଲା। ଏହି ଆଲୋଚନା ସଭାରେ ୫୦ରୁ ଉର୍ଦ୍ଧ୍ୱ ହସ୍ତତନ୍ତ ବୁଣାକାର ପରିବାରର ସଦସ୍ୟ ଯୋଗ ଦେଇଥିଲେ। ଶେଷରେ ନାବାର୍ଡ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ହସ୍ତତନ୍ତ ବୁଣାକାରମାନଙ୍କ ପକ୍ଷରୁ ପୂର୍ବତନ ସରପଞ୍ଚ ଧନ୍ୟବାଦ ଅର୍ପଣ କରିଥିଲେ।



ସଭାରେ ଉପସ୍ଥିତ ବୁଣାକାର ପରିବାରର ସଦସ୍ୟା ସଦସ୍ୟ ବୃନ୍ଦ।

## ବିଭିନ୍ନ ପ୍ରକଳ୍ପର ସମୀକ୍ଷା କଲେ ବିଧାୟକ

ଗଞ୍ଜାମ,୮।୧୨(ଡି.ଏନ.ଏ.)

ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଗୁରୁବାର ଗଞ୍ଜାମ ଏନ୍ଏସି ଗସ୍ତ କରି ସହରରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ। ୱାର୍ଡ ନଂ ୧ ସାମନ୍ତରା ବନ୍ଧ ଠାରେ ନୂତନ ଭାବେ ନିର୍ମାଣ ହେଉଥିବା ଶିଶୁ ପାର୍କ, ପାଞ୍ଚ ନଂ ୱାର୍ଡ ତ୍ରିବେଣୀ ମଠ ଛକ ପାର୍କ ନିର୍ମାଣ ସ୍ଥଳ ବୁଲି ଦେଖିଥିଲେ। ଏଥିସହ କଲ୍ୟାଣ ମଣ୍ଡପ, ସେଲିଫି ପଏଣ୍ଟ, ମୋ ଗଞ୍ଜାମ, ମାଛ ମାର୍କେଟ ଆଦି ନିର୍ମାଣ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ଏନ୍ଏସି କନିଷ୍ଠ ଯନ୍ତ୍ରୀ ମାନସ ପଣ୍ଡାଙ୍କୁ ପଚାରି ବୁଝିଥିଲେ। ବିଧାୟକଙ୍କ ପରିଦର୍ଶନ ବେଳେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ଏନ୍ଏସି ଉପାଧକ୍ଷ ସୁରେନ୍ଦ୍ର ବାରିକି, ୱାର୍ଡ ନଂ ୧୨ କାଉନସିଲର ଚନ୍ଦ୍ରଶେଖର ରେଡ୍ଡୀ, ସାନିଟେସନ ଏକ୍ସପୋର୍ଟ ସୁମିତ ବେହେରା, ମହିଳା କନିଷ୍ଠ ଯନ୍ତ୍ରୀ ଭାଗ୍ୟଶ୍ରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ରସ ଶାସ୍ତ୍ର ଉପରେ ଆଲୋଚନାଚକ୍ର

ଭଞ୍ଜନଗର,୮।୧୨(ଡି.ଏନ୍.ଏ)–ସ୍ଥାନୀୟ ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ବୁଧବାର ଇଂରାଜୀ ବିଭାଗ ପକ୍ଷରୁ ରସ ଶାସ୍ତ୍ର ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଡ. ଜୟରାମ ସେନାପତି ଆଲୋଚନାଚକ୍ରରେ ସଭାପତିତ୍ୱ କରିଥିଲେ। କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଇଂରାଜୀ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ସାତ୍ୟକୀ ସାହୁ ମୁଖ୍ୟ ଅତିଥି, ପ୍ରାଧ୍ୟାପକ ବିଭାସ ଦାସ ମୁଖ୍ୟବକ୍ତା, ଅଧ୍ୟାପକ କେ. ସୋନାରାଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରସ ଶାସ୍ତ୍ର ଉପରେ କହିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସନ୍ଧ୍ୟାରାଣୀ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀ ସ୍ନେହାସୀ ଜେନା ସନ୍ଦର୍ଭ ପଠନ କରିଥିଲେ । ପ୍ରାଧ୍ୟାପିକା କେ.ଭବାନି, ଉର୍ମିଳା ପାଢୀଯୋଶୀ, ଜୟଲକ୍ଷ୍ମୀ ରଥ, ଅଧ୍ୟାପକ ଅମୂଲ୍ୟ ଶତପଥି, ଗୀତ ରଞ୍ଜନ ଚର୍ଚ୍ଚି, ବିରଞ୍ଚି ଆଚାର୍ଯ୍ୟ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସମ୍ପାଦିକା ସ୍ୱାଗତିକା ବିବରଣୀ ପଠନ କରିଥିବା ବେଳେ ଛାତ୍ରୀ ଆରତୀ ଭୂୟାଁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ବୈପାରିଗୁଡ଼ା,୮।୧୨(ଡି.ଏନ୍.ଏ.)

ବୈପାରିଗୁଡ଼ା–ଜୟପୁର ରାସ୍ତାର ପାତ୍ରପୁଟ୍ ବ୍ରିଜ୍ ନିକଟରେ ଏକ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ୨ ବିପରୀତ ଦିଗରୁ ଆସୁଥିବା ବୁଲେଟ୍ ସହ ଟାଟା ଗାଡ଼ି ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବୁଲେଟ୍ ଆରୋହୀ ତଳକୁ ଛିଟିକି ପଡ଼ିଥିଲେ। ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇ ଯାଇଥିଲା। ମୃତକ ହେଲେ ଡି ପଲିବାବୁ। ତାଙ୍କ ଘର ଆନ୍ଧ୍ର ପ୍ରଦେଶ ଟାଗରାବାସା ଅଞ୍ଚଳରେ। ବୈପାରିଗୁଡ଼ା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ୨ଟିଯାକ ଗାଡିକୁ ଜବତ କରିଥିଲା। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ଅଧିକାରୀ ଅଶ୍ୱିନ ପଟ୍ଟନାୟକ କହିଛନ୍ତି। କେସ୍ ନଂ. ୨୮୨/୨୨ ।

## ବିଜ୍ଞାନମେଳାରେ 'ସେଫ୍ଟି ହେଲ୍‌ମେଟ୍' ପ୍ରକଳ୍ପ ମନୋନୀତ

ଜି.ଉଦୟଗିରି/ରାଇକିଆ ୮।୧୨ (ଡି.ଏନ.ଏ.)– ରାଇକିଆ ବ୍ଲକ ସୁଗଡବାଡି ହାଇସ୍କୁଲରେ ହୋଇଥିବା ଜିଲାସ୍ତରୀୟ ବିଜ୍ଞାନ ଗଣିତ ଓ ପରିବେଶ ପ୍ରଦର୍ଶନୀ ମେଳାରେ ରାଜ୍ୟ ସ୍ତରକୁ ମନୋନୀତ ହୋଇଥିବା ୫ ପ୍ରକଳ୍ପରୁ ଜି.ଉଦୟଗିରି ଅଞ୍ଚଳର ଦୁଇଟି ପ୍ରକଳ୍ପ ରାଜ୍ୟ ସ୍ତରକୁ ମନୋନୀତ ହୋଇଛି। ଜି.ଉଦୟଗିରି ନିକଟସ୍ଥ ପାବୁରିଆ ଦୟାନନ୍ଦ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ ଚିକିନା ଦିଗାଲଙ୍କ ସେଫ୍ଟି ହେଲମେଟ ଗାଇଡ ଶିକ୍ଷକ ମନିନ୍ଦ୍ର ସାମଲଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ପ୍ରକଳ୍ପକୁ ବିଚାରକମାନେ ଉଚ୍ଚ ପ୍ରଶଂସା କରିଥିବା ବେଳେ ଯୁଗୋପଯୋଗୀ ପ୍ରକଳ୍ପ ମାନବ ସମାଜ ପାଇଁ କଲ୍ୟାଣକାରୀ ହୋଇପାରିବ ବୋଲି କହିଛନ୍ତି। ସେହିପରି ଜି.ଉଦୟଗିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୫ମ ଶ୍ରେଣୀ ଛାତ୍ରୀ ସାଇ ସ୍ମୃତି ପ୍ରଜ୍ଞା ମହାନ୍ତିଙ୍କ ପ୍ରକଳ୍ପ ତାଙ୍କ ଗୁରୁମା ଲୋପାମୁଦ୍ରା ସାହୁଙ୍କ ତତ୍ତ୍ୱାବଧାନରେ ପ୍ରଦର୍ଶିତ ଡିଭିଜନ ମେଶିନ ପ୍ରକଳ୍ପଟି ମଧ ରାଜ୍ୟ ସ୍ତରକୁ ମନୋନୀତ ହୋଇଛି।

## ବାଲିପଦର ଫାଣ୍ଡି ସ୍ଥାୟୀ କୋଠାର ଭିତ୍ତିପ୍ରସ୍ତର ସ୍ଥାପନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ବୁଗୁଡ଼ା,୮।୧୨(ଡି.ଏନ.ଏ.)

ବୁଗୁଡ଼ା ଥାନା ଅନ୍ତର୍ଗତ ବାଲିପଦର ପୋଲିସ୍ ଫାଣ୍ଡିର ନୂତନ କୋଠା ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବାଲିପଦର ପଥରାଶଙ୍ଖ ଠାରେ ଫାଣ୍ଡି ଅଧିକାରୀ ସମୀର କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲା ଆରକ୍ଷୀ ଅଧିକ୍ଷକ ବ୍ରିଜେଶ ରାୟ ଯୋଗଦେଇ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ଭଞ୍ଜନଗର ଏସଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ବୁଗୁଡା ଥାନା ଆଇଆଇସି ଚିତ୍ତରଞ୍ଜନ ବେହେରା, ବେଲଗୁଣ୍ଠା ଆଇଆଇସି ପ୍ରକାଶ କୁମାର ସାହୁ, ଜଗନ୍ନାଥପ୍ରସାଦ ଆଇଆଇସି ଦିଲୀପ କୁମାର ସ୍ୱାଇଁ, ତାରସିଂ ଆଇଆଇସି ପି.କେ ଦାଶ, ଭଞ୍ଜନଗର ଆଇଆଇସି ଧୀରେଶ ଦାଶ ଏବଂ ବୁଗୁଡ଼ା ଥାନା ଅତିରିକ୍ତ ଆଇଆଇସି ଶର୍ମିଷ୍ଠା ପ୍ରଧାନ, ବାଲିପଦର ସରପଞ୍ଚ ରାଜଲକ୍ଷ୍ମୀ ପ୍ରଧାନ, ଜିଲା ପରିଷଦ ସଭ୍ୟା ସସ୍ମିତା ସ୍ୱାଇଁ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୧୯୮୭ରେ ବାଲିପଦର ଫାଣ୍ଡି ଆରମ୍ଭ ହୋଇଥିବା ବେଳେ ସେବେଠାରୁ ଏହା ଭଡା ଘରେ ଚାଲି ଆସୁଅଛି।

## ରକ୍ତଦାନ ଶିବିରରେ ୫୪ ୟୁନିଟ୍ ସଂଗୃହୀତ

ଜି.ଉଦୟଗିରି, ୮।୧୨ (ଡି.ଏନ୍.ଲ)

ଜି.ଉଦୟଗିରି ପୋଲିସ ସହାୟତାରେ ବୁଧବାର ସ୍ଥାନୀୟ ଟାଉନ ହଲଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପଞ୍ଚାୟତ ସମିତି ଅଧକ୍ଷା ସୁଷମା ପ୍ରଧାନ, ବଡିଓ ଆଶିଷ କୁମାର ତ୍ରିପାଠୀ, ଅତିରିକ୍ତ ତହସିଲଦାର ଭଞ୍ଜନ କହଁର, ଏନ୍ଏସି ଅଧକ୍ଷା ଭାନୁପ୍ରଭା ମିଶ୍ର ଓ ପୂର୍ବତନ ଏନ୍ଏସି ଅଧକ୍ଷ ପି. ସଞ୍ଜୀବ କୁମାର ପାତ୍ର ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ଏଥିରେ ୫୪ଜଣ ରକ୍ତ ଦାନ କରିଥିଲେ। ଫୁଲବାଣୀ ରକ୍ତଭଣ୍ଡାର ଅଧିକାରୀ ଡ. ଜୟଦୀପ ଘୋଷ, ଦୀନକୃଷ୍ଣ ମହନ୍ତ, ପ୍ରଶାନ୍ତ କୁମାର ରତ୍ନାଲୁ, ସୁଜିତ କୁମାର ସାହୁ ଓ ବରୁଣ ବେହେରା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଉପଖଣ୍ଡ ପୋଲିସ ଅଧିକାରୀ ଡ. ତିରୁପତି ରାଓ ପଟ୍ଟନାୟକ, ଜିଲା ପୋଲିସର ରକ୍ତଦାନ ଶିବିର ଦାୟିତ୍ୱରେ ଥିବା ନୋଡାଲ ଅଫିସର ତଥା ଡିଏସ୍‌ପି ସୁନିଲ କୁମାର ନାୟକ, ଥାନାଧିକାରୀ ଅଜୟ କୁମାର ସ୍ୱାଇଁ, ଫୁଲବାଣୀ ରକ୍ତଦାନ ସମିତିର ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ଏସ୍ଆଇ ଅନନ୍ତ କୁମାର ପ୍ରଧାନ, ପୂର୍ବତନ ଏନ୍ଏସି ଅଧକ୍ଷ ପି. ସଞ୍ଜୀବ କୁମାର ପାତ୍ର ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ସୋଲାର ଗଛ ଉପରେ ଆଲୋଚନାଚକ୍ର



ଅଧକ୍ଷ ରାଜେନ୍ଦ୍ର ଦାସ ଉଦ୍‌ବୋଧନ ଦେଉଛନ୍ତି ।

ଭଞ୍ଜନଗର,୮।୧୨(ଡି.ଏନ.ଏ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଇଲୋକ୍ଟ୍ରୋନିକ୍ସ ଏବଂ କମ୍ପ୍ୟୁଟର ସାଇନ୍ସ ବିଭାଗ ପକ୍ଷରୁ ବୁଧବାର ସୋଲାରଗଛଉପରେଏକଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ରାଜେନ୍ଦ୍ର ଦାସ ବୈଠକରେ ସଭାପତିତ୍ୱ କରିଥିଲେ। ଛାତ୍ର ହରପ୍ରସାଦ ବେହେରା ସନ୍ଦର୍ଭ ପଠନ କରିଥିବା ବେଳେ ବିଭାଗୀୟ ଅଧ୍ୟାପକ ବୁଧିନାଥ ବେହେରା ସହଯୋଗ କରିଥିଲେ। ପ୍ରାଧ୍ୟାପିକା ଆରତୀବାଳା ପ୍ରଧାନ, ଅର୍ଥ ଅଧିକାରୀ ଅଧ୍ୟାପକ ସୁନିଲ କୁମାର ଦାସ, ଡେମୋଷ୍ଟ୍ରେଟର ସୁନିଲ କୁମାର ବ୍ରହ୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୋଲାର ଗଛର ଉପକାରିତା ସମ୍ପର୍କରେ କହିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା



ମୁଖ୍ୟ ଅତିଥିଙ୍କ ଦ୍ୱାରା ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ।

ଦିଗପହଣ୍ଡି, ୮।୧୨(ଡି.ଏନ୍.ଏ.)

ଦିଗପହଣ୍ଡି ସରସ୍ୱତୀ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଖେଳପଡ଼ିଆଠାରେ ବୁଧବାର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ଓ ଭଗବତୀ ପ୍ରସାଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କ୍ରୀଡ଼ା ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ପ୍ରମୋଦ କୁମାର ପତି ଯୋଗଦେଇ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିବା ସହ ପ୍ରତିଯୋଗିତା ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଥମ, ଦ୍ୱିତୀୟ, ଶିଶୁ ବିଭାଗ, ବାଲ ବିଭାଗ ଓ କିଶୋର ବିଭାଗର ୨୫୦ ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଦୌଡ଼, ଲମ୍ଫଡିଆଁ ଭଳି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ନିଜର କୃତିତ୍ୱ ପ୍ରଦର୍ଶନ କରିଥିଲେ। କ୍ରୀଡ଼ା ଶିକ୍ଷକ ଶିଶିରକାନ୍ତ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ସାମାଜିକ କର୍ମୀ ରାମଚନ୍ଦ୍ର ସାହୁ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି କ୍ରୀଡା ଉତ୍ସବକୁ ଆଚାର୍ଯ୍ୟ ସନ୍ତୋଷ କୁମାର ପାତ୍ର, ଶ୍ରୀଧର ରଥ, ସରୋଜ ରଥ, ସୁଶାନ୍ତ କୁମାର ବେହେରା, ବାବୁଲା ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ଆନ୍ତଃ ମହାବିଦ୍ୟାଳୟ କ୍ରୀଡ଼ା ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ, ୮।୧୨



କ୍ରୀଡ଼ା ମହୋତ୍ସବ ଉଦ୍‌ଯାପନୀରେ ପୁରସ୍କାର ପ୍ରଦାନ କରାଯାଉଛି ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସଂସଦ ପକ୍ଷରୁ ଚାଲିଥିବା ଆନ୍ତଃ ମହାବିଦ୍ୟାଳୟସ୍ତରୀୟ କ୍ରୀଡ଼ା ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପିଜି କାଉନସିଲ ଅଧକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ଯୋଗଦେଇଥିଲେ। କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସମିତି ସଦସ୍ୟ ଡ. ସତ୍ୟବ୍ରତ ପାତ୍ର, କେ.କାମେଶ୍ୱର ରାଓ ଉପସ୍ଥିତ ଥିଲେ। କ୍ରୀଡ଼ା ସଂସଦ ସମ୍ପାଦକ ଡ. ଗଣେଶ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହିଅବସରରେ ବ୍ୟକ୍ତିଗତ ଚାମ୍ପିଅନ ଭାବେ ସିମିଳିଗୁଡ଼ା ମହାବିଦ୍ୟାଳୟର ପ୍ରତିଯୋଗୀ ନିର୍ମଳ ଜେନାଙ୍କୁ ପୁରସ୍କୃତ କରାଯାଇଥିଲା। ନିର୍ମଳ ଏକାଧାରାରେ ସଟପୁଟ, ଡିସକସ ଓ ହାମାରଥ୍ରୋ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ଶିମିଳିଗୁଡ଼ା ମହାବିଦ୍ୟାଳୟର ଆକାଶ ସିଂଙ୍କୁ ଟିମ୍ ଚାମ୍ପିଅନ ଭାବେ ପୁରସ୍କୃତ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ଖେଳପଡ଼ିଆଠାରେ ଚାଲିଥିବା ଏହି ଦୁଇଦିନିଆ କ୍ରୀଡ଼ା ମହୋତ୍ସବରେ ୨୬ଟି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ୪୬ରୁ ଉର୍ଦ୍ଧ୍ୱ ମହାବିଦ୍ୟାଳୟର ୨୬୧ ପୁରୁଷ ଓ ୧୫୯ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଦୁଇ ଦିନରେ ପୁରୁଷ ପ୍ରତିଯୋଗୀଙ୍କ ନିମନ୍ତେ ୧୬ଟି ଓ ମହିଳା ପ୍ରତିଯୋଗୀଙ୍କ ନିମନ୍ତେ ୧୦ଟି ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଆସନ୍ତା ଡିସେମ୍ବର ୧୯ରେ ଭୁବନେଶ୍ୱର କିଟ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସଂସଦର ଫୁଟ୍‌ବଲ କୋଚ୍ ରାଜେଶ ମହାନ୍ତି, ପିଇଓ ରବିଚରଣ ମିଶ୍ର, ଶଙ୍କରନ ପାତ୍ର, କ୍ରିଷ୍ଣାରାଓ, କ୍ରିଷ୍ଣା ରେଡ୍ଡୀ, ରାଜେଶ ନାୟକ ଓ ଅନ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସଂକ୍ଷେପରେ

### ମା' ବ୍ରାହ୍ମଣୀଦେବୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବୁଗୁଡ଼ା,୮।୧୨(ଡି.ଏନ.ଏ.)-ବୁଗୁଡ଼ା ବ୍ଲକ କଳମ୍ବ ପଞ୍ଚାୟତ ଅନ୍ତର୍ଗତ ସୁନାକେରା ଗ୍ରାମରେ ମା' ବ୍ରାହ୍ମଣୀତରଙ୍ଗ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୁନାକେରା ଗ୍ରାମବାସୀଙ୍କ ପକ୍ଷରୁ ଅରୟୋଜିତ ଉକ୍ତ ଉତ୍ସବ ଅବସରରେ ଦୀକ୍ଷା ଗ୍ରହଣ, ଜଳଯାତ୍ରା, ଅଙ୍କୁରାରୋପଣ, ମହାଦୀପ ସ୍ଥାପନ, ବନର୍ଯାଗ, ପୂଜା, ରତ୍ନମୁଦ, ଦିବ୍ୟସ୍ନାନ, ନାମଯଜ୍ଞ ଅଧିବାସ ଆଦି କାର୍ଯ୍ୟକ୍ରମ ଅନ୍ତେ ମା'ବ୍ରାହ୍ମଣୀଦେବୀଙ୍କ ସିଂହାସନ ଆରୋହଣ କାର୍ଯ୍ୟ ଯଥା ରୀତିନୀତି ପ୍ରକାରେ ଅନୁଷ୍ଠିତ ହୋଇଥିଲା। ଏଥିସହ ମହଧ୍ୱଜ ଭ୍ରମଣ ଓ ପୂର୍ଣ୍ଣାହୁତି ପରେ ନାମଯଜ୍ଞ, ଘୃତଯଜ୍ଞ ଓ ଅନ୍ନଯଜ୍ଞ ଆରମ୍ଭ ହୋଇଥିଲା। ଉତ୍ସବର ଅନ୍ତିମ ଦିବସରେ ଦଧିଭାଣ୍ଡ ଭଞ୍ଜନ, ନଗର ଭ୍ରମଣ, ଯମୁନା ସ୍ନାନ ଓ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ପୁରୋହିତ ଭାବେ ଭବାନୀ ଶଙ୍କର ରଥ ଓ ଚିରଞ୍ଜିବୀ ଖାଡ଼ଙ୍ଗା ନିୟୋଜିତ ଥିଲା ବେଳେ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମବାସୀ ସକ୍ରିୟ ସହଯୋଗ କରିଥିଲେ।

### ଗଣଶିକ୍ଷକ ସଂଘର ସ୍ମାରକପତ୍ର ପ୍ରଦାନ

ଦିଗପହଣ୍ଡି,୮।୧୨(ଡି.ଏନ.ଏ.)-ଓଡ଼ିଶା ଗଣ ଶିକ୍ଷକ ଏବଂ ଏକ୍ସ କ୍ୟାଡ଼ର ଶିକ୍ଷକ ସଂଘର ଡାକରା କ୍ରମେ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ଦାବି ପୂରଣ ପାଇଁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦିଗପହଣ୍ଡି ବ୍ଲକ ଶିକ୍ଷାଧିକାରୀ କୋରେଶ ସେଠୀଙ୍କ ଜରିଆରେ ଗୁରୁବାର ସ୍ମାରକପତ୍ର ପ୍ରଦାନ ସମୟରେ ବ୍ଲକ ସଭାପତି ବିଜୟ କୁମାର ଗୌଡ଼, କାର୍ଯ୍ୟକାରୀ ସଭାପତି ମୃତ୍ୟୁଞ୍ଜୟ ଗୌଡ଼, ଉପସଭାପତି ସନ୍ତୋଷ କୁମାର ସାହୁ, ସମ୍ପାଦକ ଗଙ୍ଗାଧର ପ୍ରଧାନ, ସହସମ୍ପାଦକ ଅଲେଖ ନାୟକ, କୋଷାଧକ୍ଷ କୁରେଶୁ ଡାକୁଆ, ସହ କୋଷାଧକ୍ଷ ଭାଗିରଥି ରାହାଙ୍କ ସମେତ ବ୍ଲକ ଅଧିନ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଗଣ ଶିକ୍ଷୟିତ୍ରୀ ଶିକ୍ଷକ, ଏକ୍ସ କ୍ୟାଡ଼ର ଶିକ୍ଷୟିତ୍ରୀ ଶିକ୍ଷକ ବୃନ୍ଦ ଉପସ୍ଥିତ ଥିଲେ।

### ଓକିଲ ସଂଘର ବୈଠକ

ଆସିକା,୮।୧୨(ଡି.ଏନ.ଏ.)- ଆସିକା ଓକିଲ ସଂଘର ଏକ ବୈଠକ ଓକିଲ ସଂଘ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ସଂଘର ସଭାପତି ସୁରେନ୍ଦ୍ରନାଥ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକକୁ ସମ୍ପାଦକ ଛବିଳରାମ ମିଶ୍ର ସଂଯୋଜନା କରିଥିଲେ। ଏତଦ ଅବସରରେ ମୁଖ୍ୟମନ୍ତ୍ରୀ ପଦ୍ମପୁର ଜିଲ୍ଲା ପ୍ରତିଷ୍ଠା ନେଇ ଘୋଷଣ କରିଥିଲେ ମଧ ଋଷିକୁଲ୍ୟା ଜିଲା ଗଠନ କରି ଏହାର ସଦରମହକୁମା ଆସିକାରେ ରହିବା ପାଇଁ ସଂଘ ପକ୍ଷରୁ ଦୀର୍ଘଦିନର ଦାବି ପ୍ରତି ଉପଯୁକ୍ତ ଧାନ ଦିଆଯାଉନଥିବା ଆଲୋଚନାରେ ସ୍ଥାନ ପାଇଥିଲା। ଏଭଳି ପରିସ୍ଥିତିରେ ଆସନ୍ତା ସୋମବାର ଓକିଲ ସଂଘ ସଭା ଗୃହରେ ଆସିକା ଅଞ୍ଚଳର ବିଧାୟିକା, ଏମପି., ବିଭିନ୍ନ ରାଜନୈତିକ ଦଳର ନେତା, ବ୍ଲକ ଓ ଏନଏସି ଅଧକ୍ଷା, ବିଭିନ୍ନ ସମ୍ମାନନୀୟ ବ୍ୟକ୍ତି ବିଶେଷ ଓ ବିଭିନ୍ନ ସଂଗଠନର ପ୍ରତିନିଧିଙ୍କୁ ନେଇ ଏକ ବିଶେଷ ଆଲୋଚନା କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ଓକିଲମାନଙ୍କ ଲାଇସେନ୍ସ ରଦ୍ଦ ନିଷ୍ପତ୍ତିର ପ୍ରତିବାଦରେ ଅଲ ଓଡିଶା ବାର ଆସୋସିଏଶନ କ୍ରିୟାନୁଷ୍ଠାନ କମିଟିର ନିଷ୍ପତ୍ତି ମୁତାବକ ଆସନ୍ତା ୧୨ ତାରିଖରେ କାର୍ଯ୍ୟରେ ନିବୃତ୍ତ ରହିବା ଲାଗି ନିଷ୍ପତ୍ତି ନିଆଯାଇଛି।

### ସ୍ୱଚ୍ଛ ସର୍ବେକ୍ଷଣ କାର୍ଯ୍ୟକ୍ରମ

ଗଞ୍ଜାମ,୮।୧୨(ଡି.ଏନ.ଏ.)-ଗଞ୍ଜାମ ମହାବିଦ୍ୟାୟରେ ଗଞ୍ଜାମ ଏନ୍‌ଏସି ପକ୍ଷରୁ ସ୍ୱଚ୍ଛ ସର୍ବେକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ରଙ୍କ ପୌରୋହିତ୍ୟରେ କଲେଜ ଅଧକ୍ଷ ଡଃ ପ୍ରବୀଣ କୁମାର ନନ୍ଦ, ଏନ୍‌ଏସି ଅଧକ୍ଷା ପ୍ରତିଭା ପାଢ଼ୀ, ପିଡି ଡୁଡା ସଚ୍ଚିଦାନନ୍ଦ ନାୟକ, ବିଇଓ ଭାଗିରଥି ବେହେରା, ଉପାଧକ୍ଷ ସୁରେନ୍ଦ୍ର କୁମାର ବାରିକି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଗଞ୍ଜାମ ସହରାଞ୍ଚଳରେ ସ୍ୱଚ୍ଛତା ଆଣିବା ସମ୍ପର୍କରେ ସଚେତନା ସୃଷ୍ଟି କରିଥିଲେ। ବ୍ରାଣ୍ଡ ଆମ୍ବାସୋଡାର ଭାବେ ଭାରତୀ ବିଦ୍ୟାପୀଠ ଖେଳ ପ୍ରଶିକ୍ଷକ ତଥା ବିଶିଷ୍ଟ ହାସ୍ୟ ଅଭିନେତା ଦିପ୍ତିରଞ୍ଜନ ପ୍ରଧାନଙ୍କୁ ଘୋଷଣା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସଫେଇ କର୍ମଚାରୀମାନଙ୍କୁ ଶୀତ ବସ୍ତ୍ର ପ୍ରଦାନ କରାଯାଇଥିଲା। ସ୍ୱୟଂ ସହାୟିକା ଗୋଷ୍ଠିର ମହିଳାମାନଙ୍କୁ ଆର୍ଥିକ ଋଣ ପ୍ରଦାନ କରାଯାଇଥିଲା। ଏନ୍‌ଏସି କର୍ମଚାରୀ ସତ୍ୟବାଦୀ ବାରିକି ସଂଯୋଜନା କରିଥିଲେ। ଅଧାପକ ଅମର ପ୍ରସାଦ ବିଷୋୟୀ, ଡ. ସନ୍ତୋଷ ପାତ୍ର ପ୍ରମୁଖଙ୍କ ସହ ଏନ୍‌ଏସି କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ କାଉନସିଲର, କଲେଜ ଛାତ୍ରୀଛାତ୍ର, ସ୍ୱୟଂ ସହାୟିକା ମହିଳାମାନେ ଉପସ୍ଥିତ ଥିଲେ।

# ୧୬ରୁ ବାଘୁଆ ଜଳଭଣ୍ଡାରରୁ ଛଡ଼ାଯିବ ପାଣି

ବୁଗୁଡା,୮।୧୨(ଡି.ଏନ.ଏ.)

ବୁଗୁଡାସ୍ଥିତ ବାଘୁଆ ଜଳସେଚନ କାର୍ଯ୍ୟାଳୟରେ ରବି ଚାଷ ପାଇଁ ଚାଷୀମାନଙ୍କ କ୍ଷେତରେ ଜଳଯୋଗାଣ ନିମନ୍ତେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାଘୁଆ ଜଳସେଚନ ସହ ନିର୍ବାହୀ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ପାଳ ସଭାପତିତ୍ୱ କରିଥିଲେ। ନିର୍ବାହୀ ଯନ୍ତ୍ରୀ ବୈଠକରେ ବାଘୁଆ ଜଳଭଣ୍ଡାରରେ ଗଚ୍ଛିତ ଜଳ ସମ୍ପର୍କରେ ସୂଚନା ଦେଇ ରବି ଫସଲ ପାଇଁ ଜଳଭଣ୍ଡାରର ବାମ ଓ ଦକ୍ଷିଣ କେନାଲ ଦେଇ ୨୦ କିଲୋମିଟର ପର୍ଯ୍ୟନ୍ତ ଆସନ୍ତା ଜାନୁୟାରୀ ୧୬ ତାରିଖ ଠାରୁ ବିଭିନ୍ନ ୫ ଟି ପର୍ଯ୍ୟାୟରେ କ୍ଷେତକୁ ଜଳଯୋଗାଣ ପାଇଁ ସୂଚନା ଦେଇଥିଲେ। ଏଥିସହ ଜଳର ସୁଷମ ବଣ୍ଟନରେ ପୂର୍ଣ୍ଣ ସହଯୋଗ ସକାଶେ ଚାଷୀମାନଙ୍କୁ ସେ ଅନୁରୋଧ କରିଥିଲେ। ବୈଠକରେ ବୁଗୁଡା ସହ କୃଷି ଅଧିକାରୀ ନିହାର ରଂଜନ ପୃଷ୍ଟି ଓ ପୋଲସରା ସହ କୃଷି ଅଧିକାରୀ ଅର୍ଜୁନ ଚନ୍ଦ୍ର ସାହୁ ଯୋଗଦେଇ ଏ ସମ୍ପର୍କରେ ଆଲୋଚନା କରିଥିଲେ। ସହକାରୀ ଯନ୍ତ୍ରୀ ବୈଜୟନ୍ତୀ ସାହୁ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଅନ୍ୟତମ ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଉପସ୍ଥିତ ଚାଷୀମାନେ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉଛି।

ଛତ୍ରପୁର,୮।୧୨(ଡି.ଏନ୍.ଏ.)

କେନ୍ଦ୍ରୀୟ ବିଦ୍ୟାଳୟ ଛତ୍ରପୁରର ପ୍ରଥମ ବାର୍ଷିକ କ୍ରୀଡ଼ା ଉତ୍ସବ ସ୍ଥାନୀୟ ପୋଲିସ ଗ୍ରାଉଣ୍ଡରେ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାୟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏସ୍‌ପି ରାୟ ଛାତ୍ରୀଛାତ୍ରମାନଙ୍କ ସାମଗ୍ରିକ ବିକାଶ ପାଇଁ ଖେଳକୁଦର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଲଳିତ କୁମାର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ କ୍ରୀଡ଼ା ଆୟୋଜନ କରିଥିଲେ। ଆମନ୍ତ୍ରିତ ଅତିଥି ଭାବେ ବଣ୍ଟି ବିଲ୍ଡର ବଲାଲ ଖାନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ ଏବଂ ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ଅନିଲ କୁମାର ନାୟକ, ଏ. ବାସୁଦେବ, ନୀଳାଞ୍ଚଳ ବେହେରା, କାଳୀପ୍ରସାଦ ମହାର୍ଥ, ସୁଧାଂଶୁ ଭୂଷଣ ପାଢୀ, ତପୁନ ପାତ୍ର, ସୁନିଲ କୁମାର ସାହୁ, ଦେବବ୍ରତ ସାହୁ, ଶ୍ରୀନୁ ଆଚାରୀ, ସରୋଜ କୁମାର ପାଣିଗ୍ରାହୀ, ସୁନାଲି ତ୍ରିପାଠୀ, ଶୁଭସ୍ମିତା ପାଣିଗ୍ରାହୀ, ଶୁଭଶ୍ରୀ ପରିଡା, ସହାୟିକା ସୁଦେଷ୍ଣା ବେହେରା ଏବଂ ରୀନା ରେଡ୍ଡୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଶାକର୍ମୀଙ୍କ ଧାରଣା


ଜଗନ୍ନାଥପ୍ରସାଦ ଅଞ୍ଚଳରେ ଆଶାକର୍ମୀଙ୍କ ଶୋଭାଯାତ୍ରା।

ଜଗନ୍ନାଥପ୍ରସାଦ/ ବାଲିଗୁଡା/ ଦିଗପହଣ୍ଡି, ୮।୧୨(ଡି.ଏନ.ଏ.)

୭ ଦଫା ଦାବିରେ ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଲେ ସମୂହ ଆଶା କର୍ମୀ। ଦାବି ପୂରଣ ନ ହେବା ଯାଏ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଥିରେ ଜଗନ୍ନାଥପ୍ରସାଦ ଆଶାକର୍ମୀ ସଭାନେତ୍ରୀ ପ୍ରଗତି ପ୍ରହରାଜ, ସମ୍ପାଦିକା ଗୀତାଞ୍ଜଳି ଘଡେଇଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରାରେ ସ୍ଥାନୀୟ କରଞ୍ଜେଇ ମନ୍ଦିରରୁ ବାହାରି ୭ ଦଫା ଦାବିରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଅଧିକାରୀ ଦାସ କିରଣ କୁମାର ଦାବିପତ୍ର ଦେଇଥିଲେ। ସେହିପରି ବାଲିଗୁଡା ସିଡିପିଓ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡିକର୍ମୀମାନେ ଗତମାସ ୨୧ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଛନ୍ତି। ଏଥିରେ ସଭାପତି ନୀଳିମା ସିଂଦେଓ,ସମ୍ପାଦକ ପ୍ରଭାତି ପ୍ରଧାନଙ୍କ ସମେତ ଅନ୍ୟ କର୍ମୀମାନେ ଏଥିରେ ସାମିଲ ଅଛନ୍ତି ।ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବମକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ କାର୍ଯ୍ୟରତ ଆଶାକର୍ମୀମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି। କର୍ମଚାରୀମାନେ ବୋମୋକେଇ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶୁଚସ୍ମିତା ଚୌଧୁରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ଆଣ୍ଟି ରାଗିଂ ସଚେତନତା

ଦିଗପହଣ୍ଡି, ୮।୧୨(ଡି.ଏନ୍.ଏ.)

ଖେମୁଣ୍ଡି ମହାବିଦ୍ୟାଳୟର ଆଣ୍ଟି ରାଗିଂ ସେଲ୍ ପକ୍ଷରୁ ସଚେତନତାମୂଳକ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସେଲ୍‌ର ଆବାହକ ଅଧାପକ ପ୍ରତାପ ଚନ୍ଦ୍ର ପାଢ଼ୀ ଅଧକ୍ଷତା କରିଥିଲେ। ଦିଗପହଣ୍ଡି ଆଇଆଇସି ଦୀପ୍ତିରଞ୍ଜନ ବେହେରା, ଅତିରିକ୍ତ ତହସିଲ୍‌ଦାର ସନାତନ ମହାଲିକ ଓ ଥାନା ଏସ୍‌ଆଇ ଏ.ସ୍ୱର୍ଣ୍ଣଲତା ପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଆଣ୍ଟିରାଗିଂ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଯଦି କୌଣସି ଛାତ୍ରୀଙ୍କ ପ୍ରତି ରାଗିଂ ଅଭିଯୋଗ ଆସେ ସଙ୍ଗେ ସଙ୍ଗେ ବିଭାଗୀୟ ସେଲ୍‌କୁ ଅବଗତ କରାଇବା ପାଇଁ ପରାମର୍ଶ ଦିଆଯାଇଥିଲା। ପ୍ରତ୍ୟେକ ଶ୍ରେଣୀ କକ୍ଷରେ ଅଭିଯୋଗ ବାକ୍ସ ଖୋଲାଯାଇଛି। କୌଣସି ଛାତ୍ରୀ ଏଭଳି ସମସ୍ୟାର ସମ୍ମୁଖୀନ ହେଲେ ତାଙ୍କର ଅଭିଯୋଗ ଉକ୍ତ ବକ୍ସରେ ପକାଇବା ପାଇଁ କୁହାଯାଇଥିଲା। କୌଣସି ଛାତ୍ରଙ୍କ ବିରୁଦ୍ଧରେ ରାଗିଂ ସମ୍ପର୍କିତ ଅଭିଯୋଗ ଆସିଲେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଇଆଇସି ତାଙ୍କ ବକ୍ତବ୍ୟରେ ସତର୍କ କରାଇଥିଲେ। ମହାବିଦ୍ୟାଳୟର ଅଧକ୍ଷ ଡ.ଅନୁପ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସମସ୍ତ ଅଧାପିକା, ଅଧାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ନୂତନ ବ୍ୟାରେକ ଉଦ୍‌ଘାଟନ କଲେ ଆଇଜି


ଆଇଜି ବ୍ୟାରେକ୍ ଉଦ୍‌ଘାଟନ କରୁଛନ୍ତି।

ଛତ୍ରପୁର,୮।୧୨(ଡି.ଏନ୍.ଏ.):

ଛତ୍ରପୁର ପୁରୁଣା ପୋଲିସ ଲାଇନସ୍ଥିତ ୬୦ଜଣ ବିଶିଷ୍ଟ ନୂତନ ବ୍ୟାରେକକୁ ଦକ୍ଷିଣାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ଉଦ୍‌ଘାଟନ କରିଛନ୍ତି। ଓଡ଼ିଶା ହାଉସିଂ ବୋର୍ଡ ପକ୍ଷରୁ ୧ କୋଟି ୬୮ ଲକ୍ଷ ବ୍ୟୟରେ ଏହି କୋଠା ନିର୍ମାଣ କରାଯାଇଛି। ଆଗାମୀ ଦିନରେ ଏଠାରେ କାର୍ଯ୍ୟରତ ପୋଲିସ କର୍ମଚାରୀମାନେ ରହିବେ। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଗଞ୍ଜାମ ଏସ୍‌ପି ବିଜ୍ରେଶ କୁମାର ରାୟ ଉପସ୍ଥିତ ରହିବା ସହ ଏହି ଅଞ୍ଚଳରେ ପୋଲିସ କ୍ୱାର୍ଟର୍ସ କରାଯିବାର ଲକ୍ଷ୍ୟ ରହିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ବିଜୟ କୁମାର ମଲ୍ଲିକ, ଡିଏସ୍‌ପି ଶ୍ରାବଣୀ ନାୟକ, ସୁଜିତ ନାୟକ, ଅଜୟ ମିଶ୍ର, ଏସ୍‌ଡିପିଓ ଗୌତମ କିଷାନ, ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ ମାନସ ରଞ୍ଜନ ମହାନ୍ତି, ଏ.ରାବଣା ରାଓ, ଛତ୍ରପୁର ଥାନା ଅଧିକାରୀ ସତ୍ୟ ରଞ୍ଜନ ପ୍ରଧାନ, ପୋଲିସ ଓ ହାବିଲଦାର ସଂଘ ସଭାପତି ଅଭିମନ୍ୟୁ ଜାଲି, ସମ୍ପାଦକ ସୁବାସ ସେଠୀ, କୋଷାଧକ୍ଷ ନରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପରଳ ଚକ୍ଷୁ ପରୀକ୍ଷା ଶିବିର

କବିସୂର୍ଯ୍ୟନଗର,୮।୧୨(ଡି.ଏନ.ଏ.)

ବୋଲସର ଗ୍ରାମପଞ୍ଚାୟତ ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସମରଝୋଳ ହିଞ୍ଜିଳିକାଟୁ ଓ ସାଇଟ ସେଭର୍ସ ଇଣ୍ଟରନ୍ୟାଶନାଲଙ୍କ ମିଳିତ ଆନୁକୂଲ୍ୟରେ ଏକ ମାଗଣା ଗ୍ଲୁକୋମା ଓ ପରଳ ଚକ୍ଷୁ ପରୀକ୍ଷା ଶିବିର ରଘୁନାଥ ମନ୍ଦିର ବୋଲସରଠାରେ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରକୁ ସାମାଜିକ କର୍ମୀ ତଥା ଲାୟନ୍ସ କ୍ଲବ ସଭାପତି ଇ. ମାହେଶ୍ୱରୀ ଦୋରା ଉଦ୍‌ଘାଟନ କରିଥିଲେ। ରାଜକୁମାର ଭୋସଲେ, ପୂର୍ବତନ ସମିତିସଭ୍ୟ ବଳରାମ ପରିଡା ଓ ବିପିନ ବିହାରୀ ଦଳାଇ, ନୀଳାଞ୍ଚଳ ମଣ୍ଡଳ, ମନୋଜ କୁମାର ଆପଟ, ଗ୍ରାମପଞ୍ଚାୟତର କର୍ମକର୍ତ୍ତାଗଣ ସହଯୋଗ କରିଥିଲେ। ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ହୋଇ ଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏଥିରେ ସମସ୍ତ ପ୍ରକାର ଚକ୍ଷୁର ପରୀକ୍ଷା ନିଃଶୁଳ୍କ କରାଯାଇଥିଲା। ମୋଟ ୮୨ ଜଣଙ୍କର ଚକ୍ଷୁ ପରୀକ୍ଷା ହୋଇଥିଲା। ୧୧ ଜଣଙ୍କୁ ଚଷମା ପ୍ରଦାନ ସହ ୩୮ ଜଣଙ୍କୁ ପରଳ ବା ମୋତିଆବିନ୍ଦୁ ପାଇଁ ଚିହ୍ନଟ କରାଯାଇଥିଲା। ସମ୍ପୂର୍ଣ୍ଣ ମାଗଣାରେ ୨୫ ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ହସ୍ପିଟାଲ୍‌କୁ ନିଆଯାଇଥିବା ବେଳେ ୧୬ ଜଣଙ୍କ ଗ୍ଲୁକୋମା ଚକ୍ଷୁ ପରୀକ୍ଷା ଓ ଫଟୋ ସଂଗ୍ରହ ହୋଇଥିଲା। ୮ ଜଣଙ୍କ ରେଟିନା ପରୀକ୍ଷା କରାଯାଇଥିଲା। କ୍ୟାମ୍ପ ମ୍ୟାନେଜର ନଳିନୀକାନ୍ତ ରାଉତ, ଚିଫ ଅପଟୋମେଟ୍ରିଷ୍ଟ ସଞ୍ଜୀବ କୁମାର ସାହୁ, ସାଗର ପୃଷ୍ଟି, ଅକ୍ଷୟ କୁମାର ପ୍ରଧାନ, ମିସ୍ ଗାୟତ୍ରୀ ସେଠୀ, ମିସ୍ ଭାରତୀ, ମିସ୍ ପାର୍ବତୀ, ମିସ୍ ଦୀପିକା ରାଉତ, ଚକ୍ଷୁ ଟେକ୍ନିସିଆନ ରଘୁନାଥ ପାଢୀ ଶିବିର ପରିଚାଳନା କରିଥିଲେ।

## ଓଡ଼ିଶା କୃଷକସଭାର ସ୍ମାରକପତ୍ର

ଦିଗପହଣ୍ଡି,୮।୧୨(ଡି.ଏନ.ଏ.)

ଓଡ଼ିଶା କୃଷକ ସଭା ଦିଗପହଣ୍ଡି ବ୍ଲକ କମିଟି ପକ୍ଷରୁ ଗୁରୁବାର ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ଦିଆଯାଇଛି। ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ବେହେରାଙ୍କୁ ଦିଆଯାଇଥିଲା। ବ୍ଲକର ସମସ୍ତ ପ୍ରାଥମିକ ସେବା ସମବାୟ ସମିତିମାନଙ୍କରେ ତୁରନ୍ତ ଧାନମଣ୍ଡି ଖୋଲିବା, ଭାଗ ଚାଷୀଙ୍କଠାରୁ ସିଧାସଳଖ ଧାନ କ୍ରୟ କରିବା, ଧାନ କୁଇଣ୍ଟାଲ ପିଛା ୫ ଶହ ଟଙ୍କା ବୋନସ ପ୍ରଦାନ ନ ନେଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ହେବ ବୋଲି ଉଲ୍ଲେଖ ରହିଛି। ଓଡ଼ିଶା କୃଷକ ସଭାର ଦିଗପହଣ୍ଡି ବ୍ଲକ କମିଟି ସଭାପତି ସୁଶାନ୍ତ କୁମାର ଷଡଙ୍ଗୀ, ସିପିଆଇ(ଏମ)ର ପୂର୍ବତନ ଜିଲା ସମ୍ପାଦକ କୈଳାଶ ଷଡ଼ଙ୍ଗୀ, କାର୍ଯ୍ୟକର୍ତ୍ତା କୁରେଶୁ ପଣ୍ଡା, ପି. ଶିବ ଶଙ୍କର, ବି ଇରେସୁ, ବାସୁ ସାହୁ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ଭିତ୍ତିପ୍ରସ୍ତର ସ୍ଥାପନ

ଆସିକା,୮।୧୨(ଡି.ଏନ.ଏ.)

ଆସିକା-କବିସୂର୍ଯ୍ୟନଗର ମୁଖ୍ୟରାସ୍ତାର କୋଟିନଡା ଗ୍ରାମ ନିକଟରେ ଗୁରୁବାର ଆସିକା ବିଧାୟିକା ମଞ୍ଜୁଲା ସ୍ୱାଇଁଙ୍କ ଦ୍ୱାରା ବକ୍ସ କଲଭର୍ଟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ୩କୋଟି ୧୪ ଲକ୍ଷ ୬୭ ହଜାର ଟଙ୍କା ଏଥିଲାଗି ବ୍ୟୟବରାଦ କରାଯାଇଛି। ଖଲ୍ଲିକୋଟ ଠାରୁ ଆସିକା ଦେଇ ବାଲିପଦର - ବେଲଗୁଣ୍ଠା ରାସ୍ତାର ଦୋହରୀକରଣ କାର୍ଯ୍ୟ ଚାଲୁ ରହିଛି। ଏହି ରାସ୍ତାରେ ଗମନାଗମନର ଅଧିକ ସୁବିଧା ଲାଗି କଲଭର୍ଟ ନିର୍ମାଣ କରାଯାଉଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଯୁବନେତା ଭଗବାନ ସାହୁ, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଶିବ ନାହାକ, ଦିଲୀପ ପାଣିଗ୍ରାହୀ, ରାଜେଶ ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

OFFICE OF THE MUNICIPAL COUNCIL, KEONJHARGARH
At/P.O.-Keonjhargarh, Dist.-Keonjhar, Odisha, Pin-758001
Phone/Fax: (06766) 255413, E-mail:-keonjharm.hud@rediffmail.com
Website - https://keonjhargarhmc.in/
"Expression of Interest (EOI) for Management of Ward Offices by Mission Shakti SHG During the Year 2023-24"
No.9040 Date:05.12.22
No.C-1823:Keonjhargarh Municipality invites Expression of Interest in sealed cover from interested Mission Shakti SHGs to be engaged for managing Ward Offices of Urban Local Bodies (ULBs) during the Year 2023-24. The sealed Expression of Interest should be submitted to the address of respective ULBs on or before date 20/12/2022, Time-5:30 P.M by registered/speed post only.
The Technical Bid will be opened on date 21/12/2022 at 11A.M in the Mini conference hall of Keonjhargarh Municipality. The sealed envelope should be superscripted with "EOI for Management of Ward Offices by Mission Shakti SHGs, 2023-24". The detailed terms and conditions of the Expression of Interest is available in website.
https://keonjhargarhmc.in/, https://kendujhar.nic.in/
Sd./-Executive Officer, Keonjhargarh Municipality
OIPR-13115/11/0010/2223

# ସହକାରୀ ଶିକ୍ଷକ ଏକ୍ସ ରେଗୁଲାର ମହାସଂଘର ଦାବିପତ୍ର
# ଦାବି ପୂରଣ ନ ହେଲେ ୧୨ରୁ ରାଜଧାନୀରେ ବିକ୍ଷୋଭ

କୁକୁଡ଼ାଖଣ୍ଡି, ୮।୧୨ (ଡି.ଏନ୍.ଏ)

ଏକ୍ସ କ୍ୟାଡର ଉଚ୍ଛେଦ କରି କ୍ୟାଡରଭୁକ୍ତ କରିବା, ଗଣଶିକ୍ଷକଙ୍କୁ ନିୟମିତ କରିବା ଦାବିରେ ସହକାରୀ ଶିକ୍ଷକ ଏକ୍ସ ରେଗୁଲାର ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷାଧିକାରୀଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଶିକ୍ଷକମାନେ ୨୦୦୮ରୁ ଗଣଶିକ୍ଷକ ଭାବେ କାର୍ଯ୍ୟ କରିଆସୁଥିଲେ। ୨୦୧୭ରେ ସରକାର ଆମମାନଙ୍କୁ ନିୟମିତ କଲେ। କିନ୍ତୁ ଏକ୍ସ କ୍ୟାଡର ଲଗାଇଦେଲେ, ଫଳରେ ଦରମା ଟ୍ରେଜେରି ମାଧ୍ୟମରେ ନ ପାଇ ପିଏଫ୍‌ଏମ୍‌ଏସ୍ ମାଧ୍ୟମରେ ପାଉଅଛୁ। ସେମାନଙ୍କ ଦାବିଗୁଡିକ ହେଲା ଏକ୍ସକ୍ୟାଡର ଉଛେଦ, ଲେଫ୍ଟଆଉଟ ଗଣଶିକ୍ଷକଙ୍କୁ ନିୟମିତ କରିବା, ୧.୩.୨୦୨୦ ପରଠାରୁ ଇନକ୍ରିମେଣ୍ଟ ପାଉନ ଥିବା ସମସ୍ତ ଶିକ୍ଷକମାନଙ୍କୁ ଇନକ୍ରିମେଣ୍ଟ ପ୍ରଦାନ, ଏନ୍‌ପିଏସ୍ ବଦଳରେ ପୁରୁଣା ପେନ୍‌ସନ ଲାଗୁ କରିବା ଆଦି ପୂରଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାପତି ବିଷ୍ଣୁ ନାୟକ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଗୌଡ଼, କୋଷାଧକ୍ଷ ପ୍ରଭାତ କୁମାର ପାଢ଼ୀ, ଉପ ସଭାପତି ସଂଗୀତା ମହାନ୍ତି, ସହ ସମ୍ପାଦକ ମଞ୍ଜୁ ସାହୁ, ଝୁନୁ ଗୌଡ଼, ବାସନ୍ତିପ୍ରିୟା ବିଷୋୟୀ, ରାଜଲକ୍ଷ୍ମୀ ରାଉତ, ସୁନିତା ଜେନା, ସୂର୍ଯ୍ୟନାରାୟଣ ପୁରୋହିତ, ସନ୍ଧ୍ୟାରାଣୀ ପଣ୍ଡା, ସ୍ୱରୂପାରାଣୀ ଷଡ଼ଙ୍ଗୀଙ୍କ ସମେତ ବ୍ଲକର ସମସ୍ତ ସହକାରୀ ଏକ୍ସ କ୍ୟାଡର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ସମୟସୀମା ମଧ୍ୟରେ ଦାବି ପୂରଣ ନ ହେଲେ ୧୨ ତାରିଖରୁ ରାଜଧାନୀରେ ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି ସଭାପତି ନାୟକ କହିଛନ୍ତି।



ସହକାରୀ ଶିକ୍ଷକ ଏକ୍ସ ରେଗୁଲାର ମହାସଂଘ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ZILLA SWASTHYA SAMITI,NABARANGPUR
OFFICE OF CDM & PHO-cum-District Mission Director, Nabarangpur
Advt.No.316/NHM/NGP Date:07.12.2022
ADVERTISEMENT
No.E-710:Applications are invited from the eligible candidates to fill up various posts under National Health Mission(NHM) Nabarangpur on contractual basis with monthly remuneration as noted against each. Applicants can log on to www.nabarangpur.nic.in for details of vacancy, eligibility criteria, Age,Remuneration,Application forms and other terms & conditions. The candidates are advised to send their self attested photocopies of all the relevant educational certificates in accordance to post applied for along with the completed prescribed Application Form as hoisted in the website and can apply to the CDM & PHO, Nabarangpur AT /PO-Mirganguda District:-Nabarangpur.PIN-764059.through Registered Post/ Speed Post only to the undersigned on or before 27.12.2022 by 5 PM.The envelope containing the application should be superscribed clearly with the name of the post applied for........ The candidates are requested to log on to district website of Nabarangpur www.nabarangpur.nic.in regarding notification of selection process/Shortlisted candidates / updated result / notification etc.The undersigned reserves the right for any modification /cancellation of advertisement without assigning any reason thereof.
Sd./- (Dr. Kali Prasad Behera)
CDM & PHO-cum-District Mission Director
Nabarangpur
OIPR-10164/11/0002/2223

